## ବସ୍‌ଷ୍ଟାଣ୍ଡ ସ୍ଥାନାନ୍ତର ପରେ ପ୍ରଶାସନ ଭୁଲିଗଲା ରୋଗୀଙ୍କ ଦୁଃଖ

# ଏମ୍‌କେସିଜିରୁ ଡୁଡୁମା କଲୋନୀ ଅଟୋ ଭଡ଼ା ୫୦, ହଳଦିଆପଦରକୁ ୧୦୦ ଟଙ୍କା

ବ୍ରହ୍ମପୁର,୧୩।୩(ସମିସ):

ସରକାରଙ୍କ ଦ୍ୱାରା ସରକାରୀ ହସ୍ପିଟାଲରେ ରୋଗୀଙ୍କୁ ମାଗଣା ଚିକିତ୍ସା ସୁବିଧା ଉପଲବ୍ଧ ସତ୍ତ୍ୱେ ହସ୍ପିଟାଲରେ ପହଞ୍ଚିବା ପାଇଁ ଯାତାୟାତ ଖର୍ଚ୍ଚ ରୋଗୀ ଓ ସେମାନଙ୍କ ପରିଜନଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ବିଶେଷକରି

### ଡାକ୍ତରଖାନାକୁ ଆସୁଥିବା ରୋଗୀ ଓ ସର୍ବସାଧାରଣଙ୍କ ପାଇଁ ନାହିଁ ପର୍ଯ୍ୟାପ୍ତ 'ଆମ ବସ' ସେବା



ବ୍ରହ୍ମପୁରର ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲକୁ ଆସୁଥିବା ରୋଗୀମାନଙ୍କୁ ବସଷ୍ଟାଣ୍ଡ ସ୍ଥାନାନ୍ତର ପରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରତିଦିନ ଦକ୍ଷିଣ ଓଡ଼ିଶାର ପ୍ରାୟ ୭ଟି ଜିଲ୍ଲା ସମେତ ପଡୋଶୀ ଆନ୍ଧ୍ରର ହଜାର ହଜାର ରୋଗୀ ଏମକେସିଜି ହସ୍ପିଟାଲ ଉପରେ ନିର୍ଭର କରିଥାନ୍ତି। ଫଳସ୍ୱରୂପ ମେଡ଼ିକାଲକୁ ଚିକିତ୍ସା ନିମନ୍ତେ ପ୍ରତିଦିନ ପ୍ରାୟ ୫ହଜାର ରୋଗୀ ବିଭିନ୍ନ ବିଭାଗକୁ ଆସିଥାନ୍ତି। ସହରରେ ଥିବା ନୂଆ ବସ୍ଷ୍ଟାଣ୍ଡ ଡୁଡୁମା କଲୋନୀ ଅସ୍ଥାୟୀ ବସଷ୍ଟାଣ୍ଡ ଓ ହଳଦିଆପଦରକୁ ସ୍ଥାନାନ୍ତର ପରେ ସେଠାରୁ ଏମକେସିଜି ମେଡିକାଲ ପର୍ଯ୍ୟନ୍ତ ଯିବାକୁ ରୋଗୀଙ୍କ ପାଇଁ ଆବଶ୍ୟକ ପରିମାଣର ବସ ଉପଲବ୍ଧ ନାହିଁ। ଫଳରେ ପ୍ରତିଦିନ ଶତାଧିକ ରୋଗୀ ମେଡ଼ିକାଲ ଯିବା ପାଇଁ ଅଟୋ କିମ୍ବା ଅନ୍ୟାନ୍ୟ ଗାଡ଼ିରେ ଯିବାକୁ ବାଧ ହେଉଛନ୍ତି। ଏଥିନିମନ୍ତେ ରୋଗୀଙ୍କୁ ଅତି କମରେ ୨ଶହ ଟଙ୍କା ଗାଡ଼ି ଭଡ଼ା ବାବଦକୁ ଖର୍ଚ୍ଚ କରିବାକୁ ପଡୁଛି। ଏମକେସିଜି ମେଡ଼ିକାଲରୁ ଡୁଡୁମା କଲୋନୀ ଅସ୍ଥାୟୀ ବସ୍ଷ୍ଟାଣ୍ଡକୁ ଜଣକ ପିଛା ଅଟୋ ଚାଳକ ୫୦ଟଙ୍କା ଭଡ଼ା ଦାବି କରୁଛନ୍ତି। ସେହିପରି ଏମ୍‌କେସିଜି ମେଡ଼ିକାଲରୁ ହଳଦିଆପଦର ବସଷ୍ଟାଣ୍ଡକୁ ଯିବା ନିମନ୍ତେ ଜଣଙ୍କ ପିଛା ପ୍ରାୟ ୧୦୦ଟଙ୍କା ଭଡ଼ା ଦାବି କରାଯାଉଥିବା ବହୁ ଯାତ୍ରୀ ଅଭିଯୋଗ କରିଛନ୍ତି। ସେପଟେ 'କ୍ରୁଟ' ପକ୍ଷରୁ ସହରର ବିଭିନ୍ନ ସ୍ଥାନକୁ 'ଆମ ବସ୍' ଗଡୁଥିବା ବେଳେ ଉଭୟ ବସଷ୍ଟାଣ୍ଡରୁ ଏମକେସିଜି ମେଡ଼ିକାଲ ଆସିବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ନଥିବା ଜଣାପଡିଛି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ବହୁ ରୋଗୀଙ୍କୁ ହସ୍ପିଟାଲ ପହଞ୍ଚିବା ପାଇଁ ଅନେକଥର ଗାଡ଼ି ବଦଳାଇବାକୁ ମଧ୍ୟ ପଡୁଛି। ଏଥିପାଇଁ ସେମାନଙ୍କ ଯାତାୟାତ ଖର୍ଚ୍ଚ ୨୦୦ଟଙ୍କାରୁ ଅଧିକ ହୋଇଯାଉଛି। ଫଳରେ ସରକାରୀ ହସ୍ପିଟାଲରେ ମାଗଣା ଚିକିତ୍ସା ସୁବିଧା ଥିଲେ ହେଁ ହସ୍ପିଟାଲକୁ ଆସିବା ପାଇଁ ଖର୍ଚ୍ଚ ରୋଗୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। ବିଶେଷକରି ଗ୍ରାମାଞ୍ଚଳରୁ ଆସୁଥିବା ଗରିବ ରୋଗୀମାନେ ଏହି ଯାତାୟାତ ଜନିତ ସମସ୍ୟାକୁ ନେଇ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ବସଷ୍ଟାଣ୍ଡ ସ୍ଥାନାନ୍ତର ପରେ ଏମକେସିଜି ମେଡିକାଲ ପାଇଁ ଉପଯୁକ୍ତ ସିଧାସଳଖ ବସ୍ ସୁବିଧା ନଥିବାରୁ ଲୋକଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଡୁଡୁମା କଲୋନୀ ଅସ୍ଥାୟୀ ବସଷ୍ଟାଣ୍ଡ ଏବଂ ହଳଦିଆପଦର ବସଷ୍ଟାଣ୍ଡରୁ ସିଧାସଳଖ ଏମକେସିଜି ମେଡିକାଲ ପର୍ଯ୍ୟନ୍ତ ସରକାରୀ ବସ କିମ୍ବା ସ୍ୱତନ୍ତ୍ର ଯାତାୟାତ ବ୍ୟବସ୍ଥା କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ଯଦ୍ୱାରା ରୋଗୀମାନେ ସହଜରେ ହସ୍ପିଟାଲରେ ପହଞ୍ଚି ପାରିବେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ଆଲୋଚନା ସଭା




ଦିଗପହଣ୍ଡି,୧୩।୩(ସମିସ): ଦିଗପହଣ୍ଡି ସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଓଡିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ଗଞ୍ଜାମ ଜିଲ୍ଲା ଶାଖା ଆନୁକୂଲ୍ୟରେ ଆୟୋଜିତ ସଭାରେ ଦିଗପହଣ୍ଡି ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଡ. ଯୁଧିଷ୍ଠିର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ସଭାରେ ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ଖାଡ଼ଙ୍ଗା, କାର୍ଯ୍ୟକାରିଣୀ ସଦସ୍ୟ ରାଜେନ୍ଦ୍ର କୁମାର ପଣ୍ଡା ଅତିଥି ଭାବେ ଯୋଗଦେଇ ଭେଲିଡେସନ ଆଇନରେ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ ଓ ଅନ୍ୟାନ୍ୟ ପ୍ରାପ୍ୟକୁ ସଙ୍କୁଚିତ କରିବା ଓ କର୍ମଚାରୀମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି ପାଇଁ ବ୍ୟବସ୍ଥା କରାଯାଇଥିବା ନେଇ ଉଦବୋଧନ ଦେଇଥିଲେ। ଭେଲିଡେସନ ଆଇନ ବିରୁଦ୍ଧରେ ଆଗାମୀ ୨୫ ତାରିଖରେ ବ୍ରହ୍ମପୁର ସ୍ଥିତ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ପକ୍ଷରୁ ଗଣଧାରଣା ଏବଂ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମରେ ଦିଗପହଣ୍ଡି ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ସମର୍ଥନ କରାଯିବା ସହ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପାଇଁ ସଭାରେ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିଲା। ସଭାରେ ସଂଘର ଉପସଭାପତି ସୁବାସ ଚନ୍ଦ୍ର ପାଢୀ, ସହ ସମ୍ପାଦକ ଭବାନୀ ପ୍ରସାଦ ପାଢ଼ୀ, କାର୍ଯ୍ୟକର୍ତ୍ତା ପଦ୍ମଚରଣ ମେକାପ, ସୁଷମା ପାଠୀ, ଜନାର୍ଦ୍ଦନ ପଣ୍ଡା, ବସନ୍ତ ପଟ୍ଟନାୟକ, ଗୌରହରୀ ପାତ୍ରଙ୍କ ସମେତ ବହୁ ସଂଖ୍ୟକ ସଦସ୍ୟା ସଦସ୍ୟ ଉପସ୍ଥିତ ରହି ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅବସରପ୍ରାପ୍ତ ବର୍ଷିଆନ ଶିକ୍ଷକ ଭାସ୍କର ପାଢୀ ୮୬ ବର୍ଷରେ ପଦାର୍ପଣ କରିଥିବାରୁ ସଂଘର ବିବିଧ ଉନ୍ନତି ନିମନ୍ତେ ୭୫ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରିଥିବା ନେଇ ସଭାରେ ଘୋଷଣା କରାଯିବା ସହ ତାଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁଷମା ପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମାର୍‌ପିଟ ମାମଲାରେ ୩ ଅଭିଯୁକ୍ତ ନିର୍ଦ୍ଦୋଷ

**ବ୍ରହ୍ମପୁର,୧୩।୩(ସମିସ):** ଏକ ମାରପିଟ ମାମଲାରେ ଜେଏମଏଫସି(ଏଲଆର) ବିଚାରପତି ଅନୁଷ୍କା ଦାଶ ପ୍ରମାଣ ଅଭାବରୁ ୩ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସେମାନେ ହେଲେ ଖଡ଼ାଆଙ୍କୁଲିର ଟିଣ ସାହୁ, ସୀମାଞ୍ଚଳ ସାହୁ ଓରଫ ସାହେବ ସାହୁ ଓ ସୋମନାଥ ସାହୁ। ସୂଚନାଯୋଗ୍ୟ ଯେ, ମିଥୁନ ସାହୁଙ୍କ ପରିବାର ସଦସ୍ୟଙ୍କୁ ଆକ୍ରମଣ ନେଇ ଗତ ୨୦୨୦ ଫେବୃୟାରୀ ୨୭ରେ ସଦର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ କ୍ରମେ ପୁଲିସ ଉପରୋକ୍ତ ୩ଜଣଙ୍କୁ ଗିରଫ କରିଥିଲା। କୋର୍ଟରେ ଏହି ମାମଲାର ବିଚାରଣା ବେଳେ ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣ ଅଭାବରୁ କୋର୍ଟ ଉପରୋକ୍ତ ରାୟ ଶୁଣାଇଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ କୁମାର ଶତପଥୀ ମକଦ୍ଦମା ପରିଚାଳନା କରୁଥିଲେ।

## ଧମକ ଦେବା ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର,୧୩।୩(ସମିସ): ମାର୍‌ପିଟ ସହ ଧମକ ଦେବା ମାମଲାରେ ଜଣେ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ଦୋଷମୁକ୍ତ କରିଛନ୍ତି ଜେଏମ୍ଏଫ୍‌ସି କୋର୍ଟ ବିଚାରପତି ସସ୍ମିତା ସାମଲ। ନିର୍ଦ୍ଦୋଷ ସାବ୍ୟସ୍ତ ଜଣକ ହେଲେ ଗଙ୍ଗାଧର ସାହିର କିରଣ ପାଢ଼ୀ।ସୂଚନାଯୋଗ୍ୟ ଯେ, ୨୦୨୨ ଅଗଷ୍ଟ ୨୯ରେ ସମୀର ପଣ୍ଡା ଗଙ୍ଗାଧରନଗର ସ୍ଥିତ ନିଜ ଘର ନିକଟରେ ଥିବା ସମୟରେ ଅଭିଯୁକ୍ତ କିରଣ ପାଢ଼ୀ ତାଙ୍କ ନିକଟକୁ ଯାଇ କୌଣସି ଏକ ମାମଲାର ସାକ୍ଷୀ କାଟିବାକୁ କହି ଧମକ ଚମକ ଦେଇଥିଲେ। ସମୀର ଏନେଇ ସଦର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। କୋର୍ଟରେ ଏହି ମାମଲାର ବିଚାରଣା ବେଳେ ମୋଟ ୫ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। କିନ୍ତୁ ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣ ଅଭାବରୁ କୋର୍ଟ ଉପରୋକ୍ତ ରାୟ ଶୁଣାଇଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ କୁମାର ଶତପଥୀ ମାମଲା ପରିଚାଳନା କରୁଥିଲେ।

## ସାପ କାମୁଡ଼ାରେ ଛାତ୍ରୀ ମୃତ

ପୁରୁଷୋତ୍ତମପୁର,୧୩।୩(ସମିସ): ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ଶୋଳଘର ଗ୍ରାମର ଶୁକ୍ରବାର ସାପ କାମୁଡାରେ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶୁଭଶ୍ରୀ ପାଢୀ। ସରକାରୀ ନୂତନ ପ୍ରାଥମିକ ବିଦ୍ୟାଳୟ (ପୂର୍ବ)ରେ ପଢୁଥିଲେ। ଶୁଭଶ୍ରୀ ପରୀକ୍ଷାର ଶେଷ ଦିନରେ ଇଂରାଜୀ ପରୀକ୍ଷା ସାରି ମଧ୍ୟାହ୍ନ ଭୋଜନ ଖାଇଥିଲେ। ପରେ ଘରକୁ ଯିବା ଲାଗି ଚପଲ ପିନ୍ଧିବାବେଳେ ସେହି ଚପଲ ପାଖରେ ଥିବା ଏକ ସାପ କାମୁଡି ଦେଇଥିଲା। ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଶବର ଘର ଲୋକଙ୍କୁ ଖବର ଦେଇଥିଲେ। ତାଙ୍କୁ ଭାଟକୁମରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମାତ୍ର ଅବସ୍ଥା ଗୁରୁତର ଥିବାରୁ ସେଠାରୁ ବ୍ରହ୍ମପୁର ବଡ ମେଡିକାଲକୁ ନିଆଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଦୁଃଖଦ ଘଟଣା ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ବ୍ଲକସ୍ତରୀୟ ଜନଶୁଣାଣି ଶିବିର

**ଗଞ୍ଜାମ,୧୩।୩(ସମିସ):** ଗଞ୍ଜାମ ବ୍ଲକ ପରିସରରେ ମନରେଗା ଯୋଜନାର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଅତିରିକ୍ତ ବିଡ଼ିଓ ଭବାନୀ ଶଙ୍କର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ସନାତନ ବେହେରା, ବିଇଓ ପ୍ରସନ୍ନ ବେହେରା ପ୍ରମୁଖ ମଞ୍ଚାସୀନ ରହିଥିଲେ। ଏଇଇ ଅଚ୍ୟୁତାନନ୍ଦ ପଟ୍ଟନାୟକଙ୍କ ସଂଯୋଜନାରେ ଶିବିର ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଫରେଷ୍ଟ ବିଭାଗ ପକ୍ଷରୁ କଣ କଣ ପ୍ରକଳ୍ପ ହୋଇଥିବା ନେଇ ଆଲୋଚନା ହୋଇଥିଲା। ବିଭାଗୀୟ ଅଧିକାରୀ ଜଣକ ସନ୍ତୋଷ ଜନକ ଉତ୍ତର ଦେଇ ନଥିଲେ। ଫଳରେ ସମସ୍ତେ ଅସନ୍ତୋଷ ପ୍ରକାଶ କରିଥିଲେ। ଏପରିକି ହୁମ୍ମା ପଞ୍ଚାୟତ, ସାନରାମଚନ୍ଦ୍ରପୁର ପଞ୍ଚାୟତରେ ଫରେଷ୍ଟ ବିଭାଗ ପକ୍ଷରୁ ପ୍ରକଳ୍ପ ହୋଇଥିଲେ ମଧ୍ୟ ସେହି ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ମାନଙ୍କୁ ଅବଗତ କରାଯାଉ ନାହିଁ ବୋଲି ସରପଞ୍ଚ ମାନେ ଅଭିଯୋଗ ଆଣିଥିଲେ। ଉକ୍ତ କାର୍ଯ୍ୟକୁ ଭିଆରପି ମାନେ ଜାଣିନ



ଥିବା କହିଥିଲେ। ଫରେଷ୍ଟ ବିଭାଗ ପ୍ରକଳ୍ପର କୌଣସି କେଶ ରେକର୍ଡ ଦାଖଲ କରିନାହାନ୍ତି ବୋଲି ଅଭିଯୋଗ ହୋଇଥିଲା। ଏହାପରେ ଆସନ୍ତାକାଲି ଦିନ ୧୦ଟାରେ ଏହି କାଗଜପତ୍ର ଦାଖଲ କରିବାକୁ ବ୍ଲକ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲ୍ଲା ପରିଷଦ ସଭ୍ୟ ସନାତନ ବେହେରା, ସରପଞ୍ଚ ସିଦ୍ଧେଶ୍ୱର ନାହାକ, ସରପଞ୍ଚ ଜାନକୀ ଦାସ, ସମିତି ସଭ୍ୟା ଗୀତାଞ୍ଜଳି ବେହେରା ଉପସ୍ଥିତ ଥିଲେ। ସେହିପରି ମୃତ୍ତିକା ସଂରକ୍ଷଣ ବିଭାଗ, ଉଦ୍ୟାନ ବିଭାଗ କାର୍ଯ୍ୟଧାରାକୁ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଥିଲା। ମୋଟ ପ୍ରକଳ୍ପ ଅନୁମୋଦନ ହୋଇଥିଲା ୧୮୦୯ସେଥି ମଧ୍ୟରେ ୧୨୯୫ ହାତକୁ ନିଆଯାଇଥିଲା। ସେଥିମଧ୍ୟରୁ ୫୧୪ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ନେଇ ସୂଚନା ମିଳିଥିଲା। ୧୦୦ ଦିନ କାର୍ଯ୍ୟ କରିଛନ୍ତି ୪୧୯ ବୋଲି ଜଣାପଡିଛି। ଏହି ଶିବିରରେ ବିଡ଼ିଓ ଅନୁପସ୍ଥିତ ରହିଥିବାବେଳେ ଅନେକ ଲୋକପ୍ରତିନିଧି ଆସିନଥିବା ଦେଖିବାକୁ ମିଳିଛି।

## ଜମି ଜାଲିଆତିରେ ଲକ୍ଷାଧିକ ଠକେଇ; ୨ ଗିରଫ

**ରଙ୍ଗେଇଲୁଣ୍ଡା,୧୩।୩(ସମିସ):** କନିଷି ତହସିଲ ଅଧୀନସ୍ଥ ଜମି ଜାଲିଆତି କରି ୭୫ ଲକ୍ଷ ଟଙ୍କା



ଠକେଇ ଘଟଣାରେ ଗୋଳନ୍ଥରା ପୁଲିସ ଆଜି ୨ ଦଲାଲକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବ୍ରହ୍ମପୁର ବଡ଼ବଜାର ଅଞ୍ଚଳର ସୋମେନ୍ଦ୍ର କୁମାର ସାହୁ (୬୩) ଏବଂ ରାଇଝୋଳର ଗ୍ରାମ ଶିବଶଙ୍କର ଚୌଧୁରୀ (୪୬)।

ଖବର ଅନୁସାରେ ପି. ସତ୍ୟ ନାରାୟଣଙ୍କ କନିସି ତହସିଲ ଅଧିନସ୍ଥ ଅନ୍ତରବାଟିଆ ଗ୍ରାମରେ ଦୁଇଟି ଚାଷ ଜମି ରହିଥିଲା। ୨୦୨୨-୨୩ରେ ହିମାଂଶୁ ଶେଖର ପାତ୍ର ୨୯ ଲକ୍ଷ ଟଙ୍କା ଓ ସୌମେନ୍ଦ୍ର କୁମାର ସାହୁ ଜମିକୁ ସତ୍ୟ ନାରାୟଣଙ୍କୁ ବିକ୍ରି କରିଥିଲେ। କିଛିଦିନ ପରେ ସୋମେନ୍ଦ୍ର କିଣିଥିବା ଜମିର କାଗଜପତ୍ର ସଠିକ ନଥିବା ଜାଣିବା ପରେ ଜମିକୁ ହିମାଂଶୁ ଶେଖର ପାତ୍ରକୁ ୨୬ ଲକ୍ଷ ଟଙ୍କା ବିକ୍ରି କରିଥିଲେ। ଏଥିପାଇଁ ଦଲାଲ ଶିବଶଙ୍କର ଚୌଧୁରୀ ଓ ସୌମେନ୍ଦ୍ରର ଜମି କାଗଜ ପତ୍ରର ଓ ଷ୍ଟାମ୍ପ ପାଇଁ ୪ ଲକ୍ଷ ଓ କମିସନ ବାବଦରେରେ ୧୬ ଲକ୍ଷ ଟଙ୍କା ଉଭୟ ନେଇଥିଲେ। ପରବର୍ତ୍ତୀ ସମୟରେ ହିମାଂଶୁ ଶେଖର କିଣିଥିବା ଜାଗା ପାଖକୁ ଗଲାବେଳେ କିଣିଥିବା ଜାଗା ଦୁଇଟି ଜାଗାକୁ ୧୯୭୦-୭୨ ମସିହାରେ ପି. ସତ୍ୟ ନାରାୟଣ ଅନ୍ୟ ଜଣକୁ ବିକ୍ରି କରି ଦେଇଥିବା ଜଣାପଡିଥିଲା। ଏହା ଜାଣିବାପରେ ଠକେଇ ହୋଇଥିବା ଜାଣିପାରି ହିମାଂଶୁ ଗୋଳନ୍ଥରା ଥାନାରେ ଗତ ଡ଼ିସେମ୍ବର ୫ ତାରିଖରେ ଅଭିଯୋଗ କରିଥିଲେ। ଥାନା କେଶ ନଂ ୫୪୭/୨୫ ପ୍ରକାରେ ଠକେଇ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଏହା ଜାଣିପାରି ସୋମେନ୍ଦ୍ର ଓ ଶିବା ଶଙ୍କର ଫେରାର ହୋଇଯାଇଥିଲେ। ଶୁକ୍ରବାର ବ୍ରହ୍ମପୁରରୁ ସୋମେନ୍ଦ୍ର ଓ ରାଇଝୋଳ ଗ୍ରାମ ଶିବା ଶଙ୍କର ଥିବା ଖବର ପାଇ ପୁଲିସ ଉଠେଇ ନେଇ ଥାନା ଅଟକ ରଖି ପଚାର ଉଚରା କରିବା ପରେ ଉଭୟକୁ କୋର୍ଟଚାଲାଣ କରିଥିଲା। ଅନ୍ୟ ପଟେ ଇସି, ଜାଗାର ସୀମା ନିର୍ଦ୍ଧାରଣ ଓ ସ୍ଥାନୀୟ ଲୋକଙ୍କୁ ପଚାରି ଜମି କିଣିବାକୁ ପୁଲିସ ପରାମର୍ଶ ଦେଇଛି।

## ଅପରେସନ ସାଇବର କବଚ; ଦୁଇ ଗିରଫ

**ଆସିକା,୧୩।୩(ସମିସ):** ଆସିକା ଥାନା ଇଲାକାରେ ଅପରେସନ ସାଇବର କବଚ ଚଢ଼ଉରେ ପୁଲିସ ଦୁଇ ଅଭିଯୁକ୍ତକୁ ଗିରଫ କରିଛି। ଆସିକା ଥାନା ମାମଲା ନଂ. ୯୫/୨୬ ପ୍ରକାରେ ପୁଲିସ ଗାଙ୍ଗପୁର ଥାନା ଅନ୍ତର୍ଗତ ବାଙ୍ଗରଡ଼ାର ଯୋଗେନ୍ଦ୍ର ବେହେରା ଓ ବେଲଗୁଣ୍ଠା ଥାନା ଅନ୍ତର୍ଗତ ନାୟକପଡାର ମନୋଜ କୁମାର ବେହେରାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ଦୁଇଟି ମୋବାଇଲ ଜବତ ହୋଇଛି। ମନୋଜ ଯୋଗେନ୍ଦ୍ର ନାମରେ ଏଚ୍‌ଡିଏଫସି ବ୍ୟାଙ୍କରେ ଖାତା ଖୋଲି ତା' ଠାରୁ ବ୍ୟାଙ୍କର ଏଟିଏମ ନେଇ ଗତ ଏକ ବର୍ଷ ମଧ୍ୟରେ ୧୮ ଲକ୍ଷ ଟଙ୍କା ନେଇ ସେୟାର ମାର୍କେଟରେ ଲଗାଇଥିବା ପୁଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ଥାନା ଅଧିକାରୀ ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ସାଇବର ଆପରାଧ ଉପରେ ଚଢ଼ଉ ଜାରି ରହିଛି। ଇତି ମଧ୍ୟରେ ଆସିକାରେ ୫ ମାମଲା ରୁଜୁ ହୋଇଛି ଏବଂ ଆଠ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ତିନି ଜଣଙ୍କୁ ହାଜର ହେବା ପାଇଁ ସମନ ପଠା ଯାଇଥିବା ଥାନା ଅଧିକାରୀ କହିଛନ୍ତି।

## ମଦ ପିଇ ମୋବାଇଲ୍ ଟାୱାର୍‌ରେ ଚଢ଼ିଗଲେ ଯୁବକ

ପାତ୍ରପୁର,୧୩।୩(ସମିସ): ଜରଡ଼ା ଥାନା ଅନ୍ତର୍ଗତ ତଣ୍ଡିପୁର ଗ୍ରାମରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକ ମଦପିଇ ନିକଟରେ ଥିବା ମୋବାଇଲ୍ ଟାୱାର ଉପରେ ଚଢ଼ିଯାଇଥିଲେ। ସମ୍ପୃକ୍ତ ଯୁବକ ଜଣକ ହେଲେ ଉକ୍ତ ଗ୍ରାମ ହରିଜନ ସାହିର ମଙ୍ଗଳା ନାଇକ (୨୯)। ଶୁକ୍ରବାର ରାତି ପ୍ରାୟ ୯ଟାରେ ସାହି ନିକଟରେ ଥିବା ମୋବାଇଲ୍ ଟାୱାରରେ ଚଢ଼ି ଉପରେ ରହିଥିବା ବେଳେ ଗ୍ରାମବାସୀ ଦେଖିଥିଲେ। ଖବର ପାଇ ଜରଡ଼ା ଥାନା ଏସ୍ଆଇ ଦୁର୍ଯ୍ୟୋଧନ ନାୟକ ଓ ତାଙ୍କ ଟିମ୍ ସହ ଦମକଳ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ଖବର ଲେଖାହେବା ସୁଦ୍ଧା ଅଗ୍ନିଶମ କର୍ମଚାରୀ ଉଦ୍ଧାର କରିପାରିନାହାନ୍ତି। ନିଶାସକ୍ତ ଅବସ୍ଥାରେ ସେ ଏପରି କରିଥିବା ଅଞ୍ଚଳବାସୀଙ୍କ ଠାରୁ ପ୍ରକାଶ।



## ୨୮ ରୁ ଆଇପିଏଲ୍; ଜୁଆଡ଼ି ପ୍ରସ୍ତୁତ; ପୁଲିସ ସଜାଗ

**ବ୍ରହ୍ମପୁର,୧୩।୩(ସମିସ):** ଆଇପିଏଲ୍ ଆରମ୍ଭ ହେଲେ ମାଲେମାଲ୍ ହୁଅନ୍ତି ଦଲାଲ୍ ଓ ମଧ୍ୟସ୍ଥି। ବେଟିଂ ଓ ଫିକ୍ସରେ ସେମାନେ ମାଲେମାଲ୍ ହୁଅନ୍ତି। ବେଟିଂର ଲିଙ୍କ୍ ବିଦେଶରୁ ଓଡ଼ିଶା ଯାଏଁ ଲମ୍ବିଛି। ବିଦେଶ ପରେ ମୁମ୍ବାଇ, ଦିଲ୍ଲୀ, କୋଲକାତା, ଉତ୍ତରପ୍ରଦେଶ ସମେତ ଓଡ଼ିଶାର ଗଞ୍ଜାମ, ବ୍ରହ୍ମପୁର, ଝାରସୁଗଡ଼ା, ରାଉରକେଲା, ପୁରୀ, ଭୁବନେଶ୍ୱର ଓ କଟକ ଓ ଆନ୍ଧ୍ରା ଆଦି ସହରରେ ଆଇପିଏଲ ବେଟିଂ ହୁଏ। ଘରେ ବସି ଅର୍ଥ ରୋଜଗାର ନିଶାରେ ଯୁବପିଢ଼ି ଲକ୍ଷ ଲକ୍ଷ ଟଙ୍କା ବେଟିଂରେ ଲଗାଇବାର ଆଶଙ୍କା ସୃଷ୍ଟି ହୋଇଛି। ଏଥିରେ ଦଲାଲ୍ କାରସାଦି କରି ଯୁବପିଢ଼ିଙ୍କୁ ଚୂନ ଲଗାଇବାର ଆଶଙ୍କା ରହିଛି। ଏଣୁ ପୁଲିସ ସଜାଗ ରହିବ। ପୂର୍ବରୁ ଏକାଧିକ ବୁକି ଓ ଏଜେଣ୍ଟ ଗିରଫ ହୋଇଥିବା ନଜର ରହିଛି। ଚଳିତ ବର୍ଷ ମାର୍ଚ୍ଚ ୨୮ ରୁ ଆଇପିଏଲ ଆରମ୍ଭ ହେବ। ଏଥିପାଇଁ କ୍ରୀଡ଼ା ପ୍ରେମୀଙ୍କ ମହଲରେ ଉତ୍ସାହ ଦେଖିବାକୁ ମିଳିଛି କ୍ରୀଡ଼ାପ୍ରେମୀମାନେ ଇଣ୍ଡିଆ -ପାକିସ୍ତାନ ମ୍ୟାଚ ଦେଖିବାକୁ ଯେମିତି ଉତ୍ସାହ ଥାନ୍ତି ଠିକ ସେପରି ଆଇପିଏଲ ଦେଖିବାକୁ। ଉଦ୍‌ଘାଟନୀ ମ୍ୟାଚ୍ ବାଙ୍ଗାଲୋର ଏମ ଚିନା ସ୍‌ୱାମୀ ଷ୍ଟାଡ଼ିୟମରେ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବଂ ହାଇଦ୍ରାବାଦ ମଧ୍ୟରେ ଖେଳାଯିବ। ସରକାରୀ କର୍ମଚାରୀମାନେ ନିଜର ଅଫିସ କାମ ସାରି ଘରେ ବସି ରହୁଥିଲେ। ଆଇପିଏଲ ଆରମ୍ଭ ହେଲେ ତାହାର ମଜା ନେବେ ବୋଲି ଜଣାପଡିଛି। ଅନ୍ୟପକ୍ଷରେ କ୍ରୀଡ଼ାପ୍ରେମୀମାନେ ନିଜ ଘରେ ଆଇପିଏଲକୁ ନେଇ ଭୋଜି ଭାତର ଆସର ମଧ୍ୟ କରିଥିବାରୁ ପୂର୍ବରୁ ନଜର ରହିଛି। କେବଳ ସେତିକି ନୁହେଁ ଏବେ ଖେଳ ଆରମ୍ଭରୁ ଖେଳ ଶେଷ ପଯ୍ୟନ୍ତ କ୍ରୀଡ଼ାପ୍ରେମୀମାନେ ସୋସିଆଲ ମେଡିଆରେ ନିଜ ପସନ୍ଦର ଟିମର ପ୍ରଚାର କରିବେ। ଖାସ କରି ଯୁବପିଡି ଆଇପିଏଲର ଭରପୁର ଫାଇଦା ନେବେ। ଟିଭି ଆଗରେ ବସି ଯୁବପିଢ଼ିମାନେ ସ୍ନାକ୍ ପାର୍ଟି କରିବେ । ଖେଳ ଆରମ୍ଭ ହେଲେ ଯୁବପିଢ଼ିମାନେ ହ୍ବାଟସପରେ ଷ୍ଟାଟସ୍ ରଖିବେ। ଖେଳାଳି ଆଉଟ ହୁଅନ୍ତୁ କିମ୍ବା ଚଉକା- ଛକା ମାରନ୍ତୁ। ସେମାନେ ଷ୍ଟାଟସ ରଖିବା ନିଶ୍ଚିତ। ଅନ୍ୟପଟେ ପୁଲିସ ମଧ୍ୟ ସଜାଗ ରହିବ । ଯଦି କୌଣସି ସ୍ଥାନରେ ଆଇପିଏଲକୁ ନେଇ ଯୁବପିଢ଼ି ବେଟ ଲଗାନ୍ତି କିମ୍ବା ଝଗଡ଼ା ହେବା ଖବର ମିଳେ ତେବେ ପୁଲିସ ତୁରନ୍ତ ପଦକ୍ଷେପ ନେବ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି।

## ଜିଲ୍ଲାର ୧.୬୭ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ମିଳିଲା ପିଏମ୍ କିଷାନ



**ଛତ୍ରପୁର,୧୩।୩(ସମିସ):** ଆସାମର ରାଜଧାନୀ ଗୌହାଟୀରୁ ଡ଼ିବିଟି ମାଧ୍ୟମରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନାର ୨୨ତମ କିସ୍ତି ପ୍ରଦାନ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇ ପ୍ରଧାନମନ୍ତ୍ରୀଙ୍କ ଉଦବୋଧନର ସିଧା ପ୍ରସାରଣ ଉପଲବ୍ଧ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଏହି କ୍ରମରେ ଗଞ୍ଜାମ ଜିଲ୍ଲାର ୧,୬୭,୭୪୬ କୃଷକ ପରିବାରଙ୍କୁ ୩୩,୫୪,୯୨,୦୦୦ ଟଙ୍କାର ସହାୟତା ରାଶି ଡ଼ିବିଟି ମାଧ୍ୟମରେ ପ୍ରଦାନ କରିଛନ୍ତି। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଭାରପ୍ରାପ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ବେହେରା, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅଜୟ କୁମାର କର, ଉଦ୍ୟାନ ବିଭାଗର କୃଷି ଉପ ନିର୍ଦ୍ଦେଶକ ଡ଼ା. କନ୍ଧ ଜେନା ଓ ବରିଷ୍ଠ କୃଷି ବୈଜ୍ଞାନିକ ଡଃ ସୁଜିତ କୁମାର ନାଥ ପ୍ରମୁଖ ଉପସ୍ଥିତ ଥିଲେ।

# ଦଣ୍ଡନାଚ ପାଇଁ ସ୍ଥାନୀୟ ଥାନାର ଅନୁମତି ବାଧ୍ୟତାମୂଳକ

ବ୍ରହ୍ମପୁର,୧୩।୩(ସମିସ):

ଆସନ୍ତା ୨୫ରୁ ଆରମ୍ଭ ହେବ ୨୧ଦିନିଆ ଦଣ୍ଡନାଚ। ୨୧ଦିନିଆ ଦଣ୍ଡ ମଧ୍ୟରେ ବ୍ରହ୍ମପୁରର ଆମ୍ବପୁଆ କାଳୀ ମନ୍ଦିର ରହିଛି। ଅନ୍ୟପଟେ ଏପ୍ରିଲ ୨ରେ ୧୩ଦିନିଆ ଦଣ୍ଡନାଚ ବାହାରିବ। ସେତେବେଳେ ସାହି ସାହିରେ ଗଳି ଗଳିରେ ଦଣ୍ଡଯାତ୍ରା ହେବ। ରାତିରେ ବିଭିନ୍ନ ସଙ୍ଘ ପକ୍ଷରୁ ସହରର ବିଭିନ୍ନ ଛକ ଏବଂ ମାନସିକଧାରୀ ଭକ୍ତଙ୍କ ଦାଣ୍ଡରେ ପୂଜା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ସୁରକ୍ଷା ଦୃଷ୍ଟିରୁ ପୁଲିସ କଡ଼ା ପାଟ୍ରୋଲିଂ ହୋଇଥାଏ କିନ୍ତୁ କେଉଁଠାରେ ଦଣ୍ଡନାଚ ହେଉଛି ତାହାର ତଥ୍ୟ ପୁଲିସ ପାଖରେ ନଥିବା ଜଣାପଡିଛି।

■ ଅପରାଧୀଙ୍କ ଗତିବିଧି ଉପରେ ରହିବ ତୀକ୍ଷ୍ଣ ନଜର: ଏସ୍‌ପି
■ ପାଟ୍ରୋଲିଂରେ ନିୟୋଜିତ ରହିବେ ଅଫିସର
■ ଯାତ୍ରାରେ ଅଶ୍ଳୀଳ ନାଚଗୀତ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ

ଏ ନେଇ ବ୍ରହ୍ମପୁର ଏସ୍‌ପି ଡାକ୍ତର ସର୍ବଣା ବିବେକ ଏମ୍‌ଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି କି, ଯେଉଁମାନେ ଦଣ୍ଡନାଚ କରୁଛନ୍ତି ସେମାନେ ନିଜ ଅଞ୍ଚଳର ଥାନାକୁ ଜଣାଇବା ବାଧ୍ୟତାମୂଳକ। ଥାନାକୁ ଜଣାଇବା ଦ୍ୱାରା ପୁଲିସର ନଜର ସେହି ଅଞ୍ଚଳ ପ୍ରତି ରହିବ ଆଉ କୌଣସି ବିଶୃଙ୍ଖଳା ହେବନାହିଁ। ଦଣ୍ଡନାଚ ବାହାରିଲେ ସାହିରେ ଲାଗିବ ଅପେରା, ଦଣ୍ଡ ବିଧାନ, ରାମାୟଣ, ଛଦ୍ମେୟା ନାଚ। ଏସବୁ ଦେଖିବାକୁ ହଜାର ହଜାର ଲୋକେ ଆସନ୍ତି। ଏଥିରେ ବହୁ ଅସାମାଜିକ ବ୍ୟକ୍ତି ଓ ଲୁଟେରା ମଧ୍ୟ ଆସିଥାନ୍ତି। ଏକୁଟିଆ ଦେଖି ଲୁଟେରା ଲୁଟ୍ ଯୋଜନା କରିବେ। ଅନ୍ୟପଟେ କୌଣସି କାରଣକୁ ନେଇ ବିଭିନ୍ନ ସ୍ଥାନରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ମଧ୍ୟ ହେଉଥିବା ନଜର ରହିଛି। ଏହାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବା ସହ ଅପରାଧୀମାନଙ୍କ ଉପରେ ତୀକ୍ଷଣ ନଜର ରହିବ ବୋଲି ବ୍ରହ୍ମପୁର ଏସପି ସର୍ବଣା ବିବେକ ଏମ କହିଛନ୍ତି।

ପ୍ରତିଦିନ ପେଟ୍ରୋଲିଂ ଚାଲିଛି। ଏହା ମେରୁ ସଂକ୍ରାନ୍ତି ପଯ୍ୟନ୍ତ ଗଳି ଗଳି ବୁଲି ପୁଲିସ ପେଟ୍ରୋଲିଂ କଡ଼ାକଡ଼ି କରିବ ଜଣାପଡିଛି। ଚଳିତବର୍ଷ ପେଟ୍ରୋଲିଂରେ ଅଫିସର ମାନେ ସାମିଲ ହେବେ ବୋଲି ଏସପି କହିଛନ୍ତି। ବହୁ ପୁରୁଣା ଓ ନୂଆ ଅପରାଧୀ ବର୍ତ୍ତମାନ ବ୍ରହ୍ମପୁର ଜେଲ୍‌ରୁ ଜାମିନରେ ଆସି ସଂଗଠନ ଆରମ୍ଭ କରିଛନ୍ତି। ଏହା ଉପରେ ପୁଲିସର ତୀକ୍ଷଣ ନଜର ରହିଛି। ଅନ୍ୟପଟେ ପୁରୁଣା ବାଦବିବାଦକୁ ନେଇ କିଛି ଅପରାଧୀ ସୁଯୋଗକୁ ଅପେକ୍ଷା କରିଛନ୍ତି। ବର୍ତ୍ତମାନ ଦଣ୍ଡନାଚ ଆରମ୍ଭ ହେଲାଣି ଅପରାଧୀମାନେ ସକ୍ରିୟ ହେବେ। ତେଣୁ ଯେଉଁମାନେ ଦଣ୍ଡନାଚ କରୁଛନ୍ତି ସେମାନେ ନିଜ ଥାନାକୁ ଜଣାଇବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ କୁହାଯାଇଛି। ଯେଉଁ ଦଣ୍ଡନାଚ ଯାତ୍ରାରେ ଅଶ୍ଳୀଳ ନାଚଗୀତ ହେବାର ଅଭିଯୋଗ ହୁଏ ତେବେ ଆୟୋଜକଙ୍କ ନାମରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସପି କହିଛନ୍ତି। ଲୋକପରମ୍ପରା ସହିତ ଜଡିତ ଦଣ୍ଡନାଟରେ ଅଶ୍ଳୀଳତା, ଅପସଂସ୍କୃତି ଓ ଅସମାଜିକ ଚରୁର ନିରାକରଣ ସକାଶେ ଜିଲ୍ଲାପ୍ରଶାସନ ପକ୍ଷରୁ ବିଭିନ୍ନ ନିୟମବଳି ଜାରି କରିଛନ୍ତି। ଧୂଳିଦଣ୍ଡ ସମୟରେ ପାରମ୍ପରିକ ଢଗଢମାଳି ଏବଂ ଲୋକସଙ୍ଗୀତର ବ୍ୟବହାର ଅନୁମୋଦିତ। କୌଣସି ଅଶାଳୀନ ଏବଂ ଦିଅର୍ଥ ବୋଧକ ଶବ୍ଦର ପ୍ରୟୋଗ ନିଷିଦ୍ଧ।ରାତ୍ର ମଞ୍ଚରେ କେବେଳ ପାରମ୍ପରିକ କଳା ଅନୁମୋଦିତ। ଦଣ୍ଡନାଚର ମୁଖ୍ୟ ପରିଚାଳକ ଦଣ୍ଡନାଚ ପୂର୍ବରୁ ଆବଶ୍ୟକୀୟ ସର୍ତ୍ତ ପୂରଣ କରି ସ୍ଥାନୀୟ ଥାନା ଅଧିକାରୀଙ୍କ ଠାରୁ ଅନୁମତି ନେବା ବାଧ୍ୟତାମୂଳକ। ଅନୁମତି ଦରଖାସ୍ତରେ ଦଣ୍ଡନାଚର ସବିଶେଷ ତଥ୍ୟ ଯଥା ନାଟକ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ, କଳାକାରଙ୍କ ନାମ,ଠିକଣା, କେତେ ଦିନ ଓ କେଉଁ କେଉଁ ସ୍ଥାନରେ ଦଣ୍ଡନାଚ ପରିବେଷଣ କରିବେ ତାହାର ସବିଶେଷ ତ୍ଥ୍ୟ ପ୍ରଦାନ କରିବେ। ଦଣ୍ଡନାଚ ପରିବେଷଣ ସମୟରେ ଉପରୋକ୍ତ ମାନକ ପରିଚାଳନ ପ୍ରଣାଳୀରେ ବ୍ୟତିକ୍ରମ ଘଟିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍ କହିଛନ୍ତି।

## ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ହନ୍ତସନ୍ତ ଦିବ୍ୟାଙ୍ଗ



■ ଚାକିରି, ଭତ୍ତା ଓ ବୃତ୍ତି ଭଳି ସୁବିଧାରୁ ବଞ୍ଚିତ ହିତାଧିକାରୀ
■ ଗତ ମାର୍ଚ୍ଚର ଆବେଦନକାରୀଙ୍କୁ ଏବେ ମିଳୁଛି ପ୍ରମାଣପତ୍ର
■ ଲଗ୍‌ଇନ୍ ସମସ୍ୟାରୁ ପ୍ରମାଣପତ୍ର ପ୍ରଦାନରେ ବିଳମ୍ବ

ବ୍ରହ୍ମପୁର,୧୩।୩(ସମିସ): ଜଣେ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଆବେଦନକୁ ବର୍ଷାଧିକ ସମୟ ପରେ ମଧ୍ୟ ମିଳୁନଥିବା ଅଭିଯୋଗ ହୋଇଛି। ଏଭଳି ବିଭିନ୍ନ ସମସ୍ୟା ନେଇ ଶୁକ୍ରବାର ସିଟି ହସ୍ପିଟାଲର ଡ଼ିଇଆଇସି କେନ୍ଦ୍ରରେ ହୋହାଲ୍ଲା ହୋଇଥିଲା। ପ୍ରମାଣପତ୍ର ବିଳମ୍ବରେ ପ୍ରଦାନ କାରଣରୁ ସରକାରୀ ସୁବିଧା ପାଇବାରେ ଦିବ୍ୟାଙ୍ଗମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗତବର୍ଷ ମାର୍ଚ୍ଚରେ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଆବେଦନ କରିଥିବା ଅନେକ ଆବେଦନକାରୀ ଏବେ ପ୍ରମାଣପତ୍ର ପାଉଛନ୍ତି। ଏପରି ବିଳମ୍ବ ହେତୁ ଅନେକ ଦିବ୍ୟାଙ୍ଗ ହିତାଧିକାରୀ ସରକାର ପକ୍ଷରୁ ମିଳୁଥିବା ଚାକିରି ସୁଯୋଗ, ଭତ୍ତା, ଶିକ୍ଷା ବୃତ୍ତି ଓ ଅନ୍ୟାନ୍ୟ ଜରୁରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ପ୍ରତିମାସର ଛୁଟିଦିନ ବ୍ୟତିତ ୨ୟ ଓ ୪ର୍ଥ ଶୁକ୍ରବାର ଭିନ୍ନକ୍ଷମ ପ୍ରମାଣପତ୍ର ଆବେଦନ ନିମନ୍ତେ ପଞ୍ଜୀକରଣ କରାଯାଏ। ଏହା ପରେ ଦିବ୍ୟାଙ୍ଗମାନେ ଡ଼ାକ୍ତରଙ୍କୁ ପରାର୍ମଶ କରିଥାନ୍ତି। ଏଭଳି ବିଭିନ୍ନ ପ୍ରକିୟା ଦେଇ ଗତିକରିବା ପରେ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଥାଏ। କିନ୍ତୁ ବିଭାଗର ନିଷ୍ପତି କ୍ରମେ କେବଳ ଗୋଟିଏ କମ୍ପ୍ୟୁଟରରେ ହିଁ ପ୍ରମାଣପତ୍ର ପ୍ରସ୍ତୁତି ଆଇଡ଼ି ଲଗ୍‌ଇନ୍ ହୋଇଥାଏ। ଫଳରେ ହଜାର ହଜାର ହିତାଧିକାରୀଙ୍କୁ ସଠିକ ସମୟରେ ପ୍ରମାଣପତ୍ର ପ୍ରଦାନ କରିବାରେ ସମସ୍ୟା ହେଉଛି। ଏଭଳି କ୍ଷେତ୍ରରେ ପ୍ରମାଣପତ୍ର ପାଇଁ ଅନେକଥର କାର୍ଯ୍ୟାଳୟ ଦୌଡ଼ ଲଗାଇବାକୁ ପଡୁଥିବାରୁ ଦିବ୍ୟଙ୍ଗମାନେ ହନ୍ତସନ୍ତ ହେଉଛନ୍ତି। ତେଣୁ ପ୍ରମାଣପତ୍ର ପ୍ରଦାନରେ ଦ୍ରୁତ ପଦକ୍ଷେପ ନେବା ସହ ସମସ୍ୟାର ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ ଦିବ୍ୟାଙ୍ଗମାନେ ଦାବି କରିଛନ୍ତି।

### ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବ; ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ଅଭାବ

# ଜଳିଲା କାଠଚୁଲି; ବଜାରରୁ ଇଣ୍ଡକ୍ସନ ଚୁଲା ଉଭାନ

ବ୍ରହ୍ମପୁର,୧୩।୩(ସମିସ)



■ ବହୁ ମନ୍ଦିର ଓ ଭୋଜିଭାତରେ ହେଲା କାଠ ଚୁଲିରେ ରୋଷେଇ
■ ବେଲଗାମ ଦର ବୃଦ୍ଧି: ଖାଉଟିଙ୍କ ମୁଣ୍ଡରେ ଚଡ଼କ

ମଧ୍ୟ ପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧର ପ୍ରଭାବ ବ୍ରହ୍ମପୁର ସହରରେ ଦେଖିବାକୁ ମିଳିଛି। ବଜାରରେ ପ୍ରାୟ ସମସ୍ତ ସାମଗ୍ରୀର ମୂଲ୍ୟ ବୃଦ୍ଧି ହୋଇଥିବା ବେଳେ ରନ୍ଧନ ଗ୍ୟାସ ଉପରେ ମଧ୍ୟ ଏହି ପ୍ରଭାବ ପଡ଼ିଛି। ଘରୋଇ ବା ଡୋମେଷ୍ଟିକ ଗ୍ୟାସ ପୂର୍ବଭଳି ସୁବିଧାରେ ଉପଲବ୍ଧ ହେଉନଥିବା ବେଳେ ବାଣିଜ୍ୟିକ ବା କମର୍ସିଆଲ ଗ୍ୟାସ ସିଲିଣ୍ଡରର ଅଭାବ ସିଧାସଳଖ ହୋଟେଲ, ରେଷ୍ଟୁରାଣ୍ଟ, ମନ୍ଦିର ଓ ଭୋଜିଭାତ ଉପରେ ପଡ଼ିଛି। ବ୍ରହ୍ମପୁର ସହରର ବିଭିନ୍ନ ମନ୍ଦିରରେ ଅନ୍ନ ପ୍ରସାଦ ରୋଷେଇରେ ଗ୍ୟାସର ଅଭାବ ଯୋଗୁ କାଠ ଚୁଲିରେ ପ୍ରସ୍ତୁତ କରାଯାଉଥିବା ଦେଖିବାକୁ ମିଳିଛି। ସହରର ପ୍ରସିଦ୍ଧ ଗୋକୁଳଧାମରେ କାଠ ଚୁଲିରେ ପ୍ରସାଦ ରୋଷେଇ ଚାଲିଛି। ଗୋକୁଳଧାମରେ ପ୍ରତିଦିନ ପ୍ରାୟ ୫୦୦ଭକ୍ତଙ୍କ ପାଇଁ ରୋଷେଇ ହେଉଥିବା ବେଳେ ସାମ୍ପ୍ରତିକ ପରିସ୍ଥିତିରେ ମାତ୍ର ୧୦୦ଜଣ ଭକ୍ତଙ୍କ ପାଇଁ ପ୍ରସାଦ ପ୍ରସ୍ତୁତ କରାଯାଉଥିବା ଜଣାପଡ଼ିଛି। କାଠ ଚୁଲିରେ ରୋଷେଇ ସମୟ ସାପେକ୍ଷ ଓ ଧୂଆଁ ଯୋଗୁଁ ସମସ୍ୟା ଉପୁଜୁଛି। ପ୍ରସାଦ ପ୍ରସ୍ତୁତିରେ ସମସ୍ୟା ଯୋଗୁ ଭକ୍ତଙ୍କ ପ୍ରସାଦ ବୁକିଂ ମଧ୍ୟ ମନ୍ଦିର କମିଟି ପକ୍ଷରୁ ବନ୍ଦ ରଖାଯାଇଛି। ଯାହାଫଳରେ ଗତ ୧୦ଦିନ ମଧ୍ୟରେ ପ୍ରାୟ ୩୦ପ୍ରତିଶତ ବ୍ୟବସାୟ ହ୍ରାସ ପାଇଥିବା ଗୋକୁଳଧାମର ପରିଚାଳନା କମିଟି ମୁଖ୍ୟ ଜଗନ୍ନାଥ ରାଉତ କହିଛନ୍ତି। ସେପଟେ ପୂର୍ବରୁ ୧୦ ରୁ ୧୨ପ୍ରକାରର ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଉଥିବା ବେଳେ ବର୍ତ୍ତମାନ କେବଳ ୮ଟି ଆଇଟମ ହିଁ କରାଯାଉଛି। ଆଗକୁ ଏଭଳି ସ୍ଥିତି ଜାରି ରହିଲେ କାଠ ଚୁଲାରେ ରୋଷେଇ କରିବା ସମ୍ଭବପର ନୁହେଁ ବୋଲି ସ୍ପଷ୍ଟ କରିଛନ୍ତି ରୋଷେୟା ଉମା ଶଙ୍କର ପାଢ଼ୀ। ଗତ ୫ଦିନ ଧରି ସହରରେ ଏକାଧିକ ଭୋଜିଭାତ ଓ ହୋଟେଲରେ ରୋଷେଇ କାଠରେ କରାଯାଉଥିବା ଜଣାପଡିଛି। ୫୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ପାଇଁ ଭୋଜିଭାତ ହେଲେ ପ୍ରାୟ ୪ରୁ ୫ଟି ଗ୍ୟାସ ସିଲିଣ୍ଡରର ଆବଶ୍ୟକ ପଡିଥାଏ। ବର୍ତ୍ତମାନ ସଂକଟ ହେତୁ ଗୋଟିଏ କିମ୍ବା ଦୁଇଟି ସିଲିଣ୍ଡରରେ କାମ ଚଳାଇ ଅବଶିଷ୍ଟ ରୋଷୋଇ କାଠ ଚୁଲାରେ କରାଯାଉଛି। ଗ୍ୟାସ ସିଲିଣ୍ଡରର ସଙ୍କଟ ହେତୁ ବର୍ତ୍ତମାନ କାଠର ଚାହିଦା ସହିତ ମୂଲ୍ୟ ବୃଦ୍ଧି ଘଟିଛି। ବଜାର ଦରରେ ନିଆଁ ଲାଗିଲାଣି। ପନିପରିବା ଠାରୁ ଆରମ୍ଭ କରି ପଲିଥିନ୍, ପ୍ଲାଷ୍ଟିକ ଓ ତୈଳ ଜାତୀୟ ସାମଗ୍ରୀର ଦର ବୃଦ୍ଧି ପାଇଛି। ଗୋଟିଏ ଚା' ୫ଟଙ୍କାରେ ମିଳୁଥିବା ବେଳେ ଏବେ ତାହା ୭ଟଙ୍କା ଆଉ କେଉଁଠି ୧୦ଟଙ୍କାରେ ବିକ୍ରି ହେଉଛି। ଗ୍ୟାସ ସିଲିଣ୍ଡରରେ ଚାହା, ଜଳଖିଆ ସମେତ ଖାଇବା ଖାଦ୍ୟ ପ୍ରସ୍ତୁତ ହେଉଥିବା ହେତୁ ଏବେ ସମସ୍ତ ନିରାମିଷ ଖାଦ୍ୟ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରିତ ମୂଲ୍ୟ ଠାରୁ ୪୦ରୁ ୮୦ଟଙ୍କା ଏବଂ ଆମିଷରେ ୫୦ରୁ ୨୦୦ଟଙ୍କା ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ଯେଉଁ ପାଣି ବୋତଲ ୧୦ଟଙ୍କାରେ ମିଳୁଥିଲା ତାହା ଏବେ କେଉଁଠି ୧୨ଟଙ୍କା ତ ଆଉ କେଉଁଠି ୧୫ ଟଙ୍କାରେ ବ୍ରିକି ହେଉଛି।

ଘରୋଇ ଗ୍ୟାସ ଦର ସିଲିଣ୍ଡର ପିଛା ୬୦ ଟଙ୍କା ବୃଦ୍ଧି ପାଇଥିବା ବେଳେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଗୁରୁବାର ଯେଉଁ ଇଡିଲି, ପୁରୀ କିମ୍ବା ଉପମା ୫ଟଙ୍କାରେ ମିଳୁଥିଲା ଆଜି ସେଗୁଡ଼ିକ କେତେକ ସ୍ଥାନରେ ୭ଟଙ୍କା ତ କେଉଁଠି ୧୦ଟଙ୍କାରେ ବିକ୍ରି ହେଲାଣି। ସେହିପରି ଦୋସା ଯାହା କିଛିଦିନ ପୂର୍ବରୁ ୩୦ଟଙ୍କାରେ ମିଳୁଥିଲା, ଆଜି ତାହା ୫୦ ରୁ ୬୦ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଏହି ଅସାମାନ୍ୟ ଦରବୃଦ୍ଧି କେବଳ ଟିଫିନ୍ ସାମଗ୍ରୀରେ ସୀମିତ ନୁହେଁ ବରଂ ବଜାରରେ ବିଭିନ୍ନ ଅତ୍ୟାବଶ୍ୟକୀୟ ସାମଗ୍ରୀରେ ମଧ ପରିଲକ୍ଷିତ ହୋଇଛି। ଯାହାଫଳରେ ଜନସାଧାରଣଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଗ୍ୟାସର ଅଭାବ ପରେ ମାର୍କେଟ୍‌ରୁ ହଠାତ୍ ଇଣ୍ଡକ୍ସନ ଚୂଲା ଉଭାନ ହୋଇଯାଇଛି। ଲୋକେ ବିଦ୍ୟୁତ୍ ଚୂଲା ଉପରେ ନିର୍ଭର କରିବାକୁ ଆରମ୍ଭ କରିବା ପୂର୍ବରୁ ଇଣ୍ଡକ୍ସନ ଚୂଲାର ମୂଲ୍ୟ ପୂର୍ବାପେକ୍ଷା ବୃଦ୍ଧି କରାଯାଇ ହଠାତ କଳାବଜାରୀ କରାଯାଉଥିବା ଅଭିଯୋଗ ହୋଇଛି। ଏହି ପରିସ୍ଥିତିକୁ ଜିଲ୍ଲା ପ୍ରଶାସନ ଓ ଯୋଗାଣ ବିଭାଗ ଗୁରୁତ୍ୱର ସହିତ ନେଇ ବଜାର ଉପରେ କଡା ନଜର ରଖିବା ଆବଶ୍ୟକ। ଅତ୍ୟାବଶ୍ୟକୀୟ ସାମଗ୍ରୀର ଅଭାବି ବିକ୍ରୀ କରିବା ଓ କଳାବଜାରୀ କରୁଥିବା ନ୍ୟସ୍ତସ୍ୱାର୍ଥ ତଥା ମୁନାଫାଖୋର ଅସାଧୁ ବ୍ୟବସାୟୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

## ଜିଲ୍ଲା ଗ୍ରାହକ ଆୟୋଗ ସଦସ୍ୟଙ୍କ କାର୍ଯ୍ୟକାଳ ବୃଦ୍ଧି

ବ୍ରହ୍ମପୁର,୧୩।୩(ସମିସ): ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଜାରି ଏକ ନୂତନ ନିର୍ଦ୍ଦେଶନାମା ପ୍ରକାରେ ସ୍ଥାନୀୟ ଗଞ୍ଜାମ ଜିଲ୍ଲା ଗ୍ରାହକ ଆୟୋଗର ସଦସ୍ୟ ତଥା ଭାରପ୍ରାପ୍ତ ଅଧ୍ୟକ୍ଷ ସତୀଶ କୁମାର ପାଣିଗ୍ରାହୀଙ୍କ ସେବା କାର୍ଯ୍ୟକାଳକୁ ବୃଦ୍ଧି କରାଯାଇଛି। ମାର୍ଚ୍ଚ ୧୨ରେ ଜାରି ସରକାରୀ ଆଦେଶ (ସଂଖ୍ୟା:୪୪୧୪) ଅନୁସାରେ, ଆସନ୍ତା ୧୬ ମାର୍ଚ୍ଚ ୨୦୨୬ ଠାରୁ ପରବର୍ତ୍ତୀ ଆଦେଶ କିମ୍ବା ନୂତନ ନିଯୁକ୍ତି ପ୍ରକ୍ରିୟା ଶେଷ ପର୍ଯ୍ୟନ୍ତ ସେ ନିଜ ପଦବୀରେ ରହି ଦାୟିତ୍ୱ ତୁଲାଇବେ। ସୂଚନାଯୋଗ୍ୟ ଯେ, ଶ୍ରୀ ପାଣିଗ୍ରାହୀ ୧୭ମାର୍ଚ୍ଚ ୨୦୨୨ରେ ସଦସ୍ୟ ଭାବେ ଯୋଗ ଦେଇଥିଲେ ଏବଂ ତାଙ୍କର ମୂଳ କାର୍ଯ୍ୟକାଳ ୧୬ମାର୍ଚ୍ଚ ୨୦୨୬ରେ ସମାପ୍ତ ହେବାକୁ ଥିଲା। କିନ୍ତୁ ଖାଉଟିଙ୍କ ସ୍ୱାର୍ଥରକ୍ଷା ଓ ଆୟୋଗଙ୍କ କାର୍ଯ୍ୟଧାରାରେ ବ୍ୟାଘାତ ନକରିବାକୁ ସରକାର ଏଭଳି ପଦକ୍ଷେପ ଗ୍ରହଣ କରି ପୁନଃ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଅର୍ଥାତ୍ ଗତ ୨୦୨୩ମସିହା ମେ ୬ତାରିଖରେ ପତ୍ର ସଂଖ୍ୟା ୭୮୧୯ ରେ ଜାରି ସରକାରୀ ବିଜ୍ଞପ୍ତି ଅନୁଯାୟୀ ଶ୍ରୀ ପାଣିଗ୍ରାହୀ ଗତ ୨୦୨୩ମସିହା ମେ ୮ ତାରିଖ ଠାରୁ ଗଞ୍ଜାମ ଜିଲ୍ଲା ଗ୍ରାହକ ଆୟୋଗର ଭାରପ୍ରାପ୍ତ ଅଧ୍ୟକ୍ଷ ଦାୟିତ୍ୱ ମଧ୍ୟ ତୁଲାଉଛନ୍ତି। ନୂତନ ନିୟମ ଅନୁଯାୟୀ, ସେ ସଦସ୍ୟ ପଦବୀ ସହ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ସମସ୍ତ ଦାୟିତ୍ୱ ତୁଲାଇବେ ବୋଲି ଜଣାପଡିଛି।

### ଗଞ୍ଜାମ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ

## ନାମାଙ୍କନ ପ୍ରତ୍ୟାହାର ଶେଷ, ୪ ପଦବୀ ପାଇଁ ୧୫ପ୍ରାର୍ଥୀ



ବ୍ରହ୍ମପୁର,୧୩।୩(ସମିସ): ଚଳିତ ମାସ ୨୮ତାରିଖରେ 'ୱାନ ବାର ୱାନ ଭୋଟ' ନିୟମରେ ଗଞ୍ଜାମ ଓକିଲ ସଂଘର ସଭାପତି, ସମ୍ପାଦକ, ଉପ ସଭାପତି ଓ ସହ ସମ୍ପାଦକ ପଦବୀ ପାଇଁ ନିର୍ବାଚନ ହେବ। ଶୁକ୍ରବାର ନାମାଙ୍କନ ପତ୍ର ପ୍ରତ୍ୟାହାର ଶେଷ ହୋଇଥିବା ବେଳେ ଘୋଷଣା ହୋଇଛି ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା।

ଚଳିତ ନିର୍ବାଚନ ପାଇଁ ବିଭିନ୍ନ ପଦବୀରେ ନାମାଙ୍କନ ଦାଖଲ କରିଥିବା ସମସ୍ତ ୧୫ଜଣ ପ୍ରାର୍ଥୀଙ୍କ ପ୍ରାର୍ଠଥପତ୍ର କାଏମ ରହିଛି। ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ଯୋଗ୍ୟ ପ୍ରାର୍ଥୀଙ୍କ ତାଲିକାରେ ସଭାପତି ପଦବୀ ପାଇଁ ନିରଞ୍ଜନ ପାଣିଗ୍ରାହୀ, ରବୀନ୍ଦ୍ର କୁମାର ଦେଓ, ସୀତାଂଶୁ ଶେଖର ପଣ୍ଡା ଓ ତ୍ରିମୁଲ କୁମାର ରେଡ୍ଡୀଙ୍କ ନାମ ରହିଥିବା ବେଳେ ଉପ ସଭାପତି ପଦବୀ ପାଇଁ ଅନୀଲ କୁମାର ପଣ୍ଡା, ସତ୍ୟନାରାୟଣ ବସ୍ତିଆ, ସୀମାଞ୍ଚଳ ବିଶୋୟୀ ଓ ଶ୍ରୀକାନ୍ତ ମହାପାତ୍ରଙ୍କ ନାମ ରହିଛି। ସେହିଭଳି ସମ୍ପାଦକ ପଦବୀରେ ଜଗନ୍ନାଥ ମିଶ୍ର, ମଦନ ମୋହନ ପାତ୍ର ଓ ଟିଟୁ କୁମାର ପାତ୍ର ଥିବାବେଳେ ସହ ସମ୍ପାଦକ ପଦବୀ ପାଇଁ ମନୋଜ କୁମାର ନାୟକ, ମନୋରଂଜନ ପାଢୀ, ମୀରାବାଇ ପାଣିଗ୍ରାହୀ ଓ ରଂଜନ କୁମାର ସାମନ୍ତରାୟଙ୍କ ନାମ ରହିଛି। ଆସନ୍ତା ୨୮ତାରିଖରେ ଗୁପ୍ତ ମତଦାନ ବା ଭୋଟଗ୍ରହଣ ରହିଥିବା ବେଳେ ପ୍ରସ୍ତୁତି ଜୋରଦାର ରହିଥିବା ନିର୍ବାଚନ ଅଧିକାରୀ ନୟନ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ଚଳିତ ନିର୍ବାଚନରେ ମୋଟ ୧୭୬୧ଜଣ ଭୋଟର ଥିବା ବେଳେ ସେଥିମଧ୍ୟରୁ ୧୬୦୨ଜଣ ପୁରୁଣା ଓ ୧୫୯ଜଣ ନୂତନ ଭୋଟର ରହିଥିବା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

ସେହିଭଳି ଆସନ୍ତା ୨୮ତାରିଖ ନିର୍ବାଚନ ଦିନ ପୂର୍ବାହ୍ନ ୭ଟା ୩୦ମିନିଟ ଠାରୁ ମତଦାନ ଆରମ୍ଭ କରି ଅପରାହ୍ନ ୩ଟା ପର୍ଯ୍ୟନ୍ତ ଜାରି ରହିବ। ୪ଟା ପରେ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ। ନିର୍ବାଚନକୁ ସ୍ୱଚ୍ଛ, ମୁକ୍ତ, ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବାକୁ ଯାଇ ନିର୍ବାଚନ ଅଧିକାରୀ ଏକ ସ୍ୱତନ୍ତ୍ର ଟିମ ଗଠନ କରିଥିବା ଜଣାପଡିଛି। ମତଦାନ ସ୍ଥଳ ସମ୍ପୂର୍ଣ୍ଣ ଭାବେ ସିସିଟିଭି ନଜରରେ ରହିବ ଓ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଜାରି ହୋଇଥିବା ମାର୍ଗଦର୍ଶିକାକୁ କଡାକଡି ଭାବେ ଅନୁପାଳନ କରାଯିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ନିର୍ବାଚନ ଅଧିକାରୀ ନୟନ ଚନ୍ଦ୍ର ମହାପାତ୍ର।

## ଦରଦାମ୍ ବୃଦ୍ଧିକୁ ନେଇ କଂଗ୍ରେସର ଦାବିପତ୍ର



ବ୍ରହ୍ମପୁର,୧୩।୩(ସମିସ): ରନ୍ଧନ ଗ୍ୟାସ ଓ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଅହେତୁକ ଦରଦାମ ବୃଦ୍ଧି ପ୍ରତିବାଦରେ ଗଞ୍ଜାମ ଜିଲ୍ଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏନେଇ କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଯୁଦ୍ଧ ବାହାନାରେ କେନ୍ଦ୍ର ଓ ରାଜ୍ୟ ସରକାର ଗ୍ୟାସ ସିଲିଣ୍ଡର ପିଛା ୬୦ଟଙ୍କା ବୃଦ୍ଧି ସହ ବୁକିଂ ସମୟ ସୀମା ବୃଦ୍ଧି କରିଛନ୍ତି। ଏଭଳି ସ୍ଥିତିରେ କଳାବଜାରୀ ବଢ଼ିବା ସହ ଗ୍ରାହାକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ତେଣୁ ତୁରନ୍ତ ଦରବୃଦ୍ଧି ପ୍ରତ୍ୟାହାର କରିବାକୁ କଂଗ୍ରେସ ପକ୍ଷରୁ ଦାବି ହୋଇଥିଲା। ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା କଂଗ୍ରେସ ସଭାପତି ପୂର୍ବ ରଶ୍ମିରଂଜନ ପଟ୍ଟନାୟକ, ପୂର୍ବତନ ବିଧାୟକ ଡ଼. ତ୍ରିନାଥ ବେହେରା, ଜିଲ୍ଲା ଉପ ସଭାପତି ଅଶୋକ କୁମାର ପଟ୍ଟନାୟକ, ବୃନ୍ଦାବନ ଖଟେଇ, ଗୋକୁଳ କର, ମହିଳା ସଭାନେତ୍ରୀ ବନଜା ପଣ୍ଡା ଓ ସସ୍ମିତା ସାହୁ ପ୍ରମୁଖଙ୍କ ସହିତ ଶତାଧିକ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିଗମ ଯନ୍ତ୍ରୀ ସଂଘ ଓ ଟିପିଏସ୍‌ଓଡିଏଲ୍‌ର ବୈଠକ



ବ୍ରହ୍ମପୁର,୧୩।୩(ସମିସ): ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିଗମ ଯନ୍ତ୍ରୀ ସଂଘ ଓ ଟାଟା ପାୱାର ଦକ୍ଷିଣ ଓଡ଼ିଶା ବିଦ୍ୟୁତ୍ ବିତରଣ କମ୍ପାନୀ(ଟିପିଏସଓଡିଏଲ) ମଧ୍ୟରେ ସ୍ଥାନୀୟ କାର୍ଯ୍ୟାଳୟରେ ଏକ ଆଲୋଚାନ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘର କାର୍ଯ୍ୟକର୍ତ୍ତା ୧୭ଦଫା ଦାବି ନେଇ ଟିପିଏସଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ୍ ଗର୍ଗ ଏବଂ ମାନବସମ୍ବଳ ମୁଖ୍ୟ ଶ୍ୟାମ ଚୌଧୁରୀଙ୍କ ଆଲୋଚନା କରିଛନ୍ତି। ଡିପ୍ଲୋମା ଯନ୍ତ୍ରୀମାନଙ୍କର ପଦୋନ୍ନତିରେ ଥିବା ପ୍ରତିବନ୍ଧକକୁ ପ୍ରତ୍ୟାହାର କରିବା, ଯାତାୟାତ ଭତ୍ତାକୁ ଓପିଟିସିଏଲ୍ ଆଦେଶ ମୁତାବକ ପ୍ରଦାନ କରିବା, ଏନ୍‌ପିଏସ ଲାଗୁ କରିବା, ପେନସନରୁ ବଞ୍ଚିତ ଯୋଗ୍ୟ ଅଧିକାରୀଙ୍କୁ ପେନସନ ଭୁକ୍ତ କରିବା, ସ୍ୱାସ୍ଥ୍ୟ ବୀମା ବୃଦ୍ଧି କରିବା ଭଳି ବିଭିନ୍ନ ଦାବି ଉପରେ ଆଲୋଚନା ହୋଇଥିଲା। ଦାବି ଗୁଡିକୁ ଖୁବ୍ ଶୀଘ୍ର ସମାଧାନ କରିବା ପାଇଁ ଟାଟା କର୍ତ୍ତୃପକ୍ଷ ସମ୍ମତି ପ୍ରଦାନ କରିଥିବା ସଂଘ ପକ୍ଷରୁ କୁହାଯାଇଛି। ଆଲୋଚନାରେ ସଂଘ ସଭାପତି ଆନନ୍ଦ ମହାପାତ୍ର, ମହାସଚିବ ତ୍ରିଲୋଚନ ମହାନ୍ତି, କାର୍ଯ୍ୟକାରୀ ସଭାପତି ରଶ୍ମି ଆଚାର୍ଯ୍ୟ, ଉପ ସଭାପତି ସରୋଜ ମିଶ୍ର, ବରିଷ୍ଠ ଉପ ସଭାପତି ଚିତ୍ତରଞ୍ଜନ ମଲ୍ଲିକ, ବିଦୁର ବେହେରା, ରଞ୍ଜନ ପରିଡ଼ା, ବିନୋଦ ପଣ୍ଡା, ଉମା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଦାଣ୍ଡିଯାତ୍ରା ପରିପ୍ରେକ୍ଷୀରେ ପରିବେଶବିତ ସୁଧୀରଙ୍କ ପ୍ଲାଷ୍ଟିକ ବର୍ଜନ ସଚେତନତା

# ଦୈନିକ ୧୦ରୁ ୧୨ କିମି ଚାଲି କରୁଛନ୍ତି ସଚେତନ

ବ୍ରହ୍ମପୁର,୧୩।୩(ସମିସ)




● ୨୦ବର୍ଷ ମଧ୍ୟରେ ୨୧ଟି ଲଣ୍ଡା ପାହାଡ଼ରେ ସୃଷ୍ଟି କରିଛନ୍ତି ଜଙ୍ଗଲ
● ପରିବେଶ ସୁରକ୍ଷା ନେଇ ଆଜି ନ ହେଲେ କାଲି ଲୋକେ ନିଶ୍ଚିତ ସଚେତନ ହେବେ: ସୁଧୀର

ବିଶ୍ୱ ପାଇଁ ବିପଦ ସାଜିଛି ପ୍ଲାଷ୍ଟିକ୍। ସୁପ୍ରିମକୋର୍ଟଙ୍କ କଟକଣା ସତ୍ତ୍ୱେ ଏହା ଉପରେ ରୋକ୍ ଲାଗିପାରୁନାହିଁ। ଏହାକୁ ରୋକିବାକୁ ହେଲେ ଜନ ସଚେତନତା ଏକମାତ୍ର ମାଧ୍ୟମ। ଏଣୁ ବ୍ୟକ୍ତିଗତ ନୁହେଁ ବରଂ ସାମୂହିକ ଉଦ୍ୟମରେ ଏହି ସମସ୍ୟାର ସମାଧାନ ହୋଇପାରିବ।

ମହାତ୍ମା ଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହ ବା ଦାଣ୍ଡିଯାତ୍ରା ଯାହା ୧୯୩୦ ମାର୍ଚ୍ଚ ୧୨ରୁ ଆରମ୍ଭ ହୋଇ ଏପ୍ରିଲ ୬ ପର୍ଯ୍ୟନ୍ତ ଚାଲିଥିଲା। ଏହି ଅବସରରେ ସମାଜସେବୀ ତଥା ବିଶିଷ୍ଟ ପରିବେଶବିତ ସୁଧୀର ରାଉତ(୬୫) ନିଜର ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି। ଗତ ୧୨ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଖାସ କରି 'ଏକକ ବ୍ୟବହାର ପ୍ଲାଷ୍ଟିକ ବର୍ଜନ' ଉପରେ ଉଦ୍ଦିଷ୍ଟ। ବୟସର ଅପରାହ୍ନରେ ଶିକ୍ଷାବିତ ସୁଧୀର ରାଉତ ଶରୀରରେ ପ୍ଲାକାର୍ଡ ଝୁଲାଇ ଦୈନିକ ୧୦ରୁ ୧୨ କିମି ପଦଯାତ୍ରା କରି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ପ୍ରୟାସ ଜାରି ରଖିଛନ୍ତି। ପଦାର୍ଥ ବିଜ୍ଞାନରେ ସ୍ନାତୋକତ୍ତର ଡିଗ୍ରୀଧାରୀ ସୁଧୀର ଏକଦା ଆନ୍ଧ୍ରର ଏକ ଘରୋଇ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ। ସେଠାରୁ ବ୍ରହ୍ମପୁରକୁ ଆସି ଆର୍ଯ୍ୟଭଟ୍ଟ ଲର୍ଣ୍ଣ ଫୋରମ ପ୍ରାଇଭେଟ ଲିମିଟେଡ ନାମକ ଏକ ଶିକ୍ଷାନୁଷ୍ଠାନ ଆରମ୍ଭ କରି ବିଗତ ୨୦ବର୍ଷରେ ବିଭିନ୍ନ କ୍ଷେତ୍ରରେ ୫ଶହରୁ ୭ଶହ ପିଲାଙ୍କ ଭବିଷ୍ୟତ ଗଢ଼ି ପାରିଛନ୍ତି।

ତାଙ୍କରି ଉଦ୍ୟମରେ ୨୦୦୮ମସିହାରେ ବାହାରିଥିଲା 'ସବୁଜ ରଥ'। ବ୍ୟାପକ ବୃକ୍ଷରୋପଣ ମଧ୍ୟ କରାଯାଇଥିଲା। ୨୦୧୪ ଫାଇଲିନ ବାତ୍ୟାରେ ବଡ଼ବଡ଼ ବୃକ୍ଷ ସବୁ ପଡ଼ିଯାଇଥିଲା। ବ୍ୟକ୍ତିଗତ ଉଦ୍ୟମରେ ସେସବୁକୁ ଉଠାଇବାକୁ ଚେଷ୍ଟା କରି ଅନେକ ସଫଳତା ମିଳିଥିଲା।

ସେ ଲଗାଇଥିବା ସମସ୍ତ ଗଛ ସୁରଳ ରୋଡରୁ ଚିକିଟି ରାସ୍ତାରେ ୨୦୧୫ମସିହା ଖରାଦିନରେ ରାସ୍ତା ପ୍ରଶସ୍ତ ପାଇଁ ପ୍ରଶାସନ କାଟି ଦେଇଥିଲା। ପରେ ପତ୍ନୀ ସକୁନ୍ତଳା ଦେବୀଙ୍କ ପରାମର୍ଶ କ୍ରମେ ରାସ୍ତା କଡ଼ ପରିବର୍ତ୍ତେ ପାହାଡ଼ରେ ବୃକ୍ଷରୋପଣ ପାଇଁ ପ୍ରୟାସ କରାଯାଇଥିଲା। ମୂଲିଆଙ୍କୁ ନିୟୋଜିତ କରି ଲଣ୍ଡା ପାହାଡ଼ରୁ ଆରମ୍ଭ ହେଲା ମଞ୍ଜି ପୋତା ଅଭିଯାନ। ପ୍ରାୟ ୨ଲକ୍ଷରୁ ଉର୍ଦ୍ଧ୍ୱ ମଞ୍ଜି ପୋତାଯାଇଥିଲା। ୨୦୧୬ରେ ପିତାତଳୀ ଓ ମାଧବନ୍ଧ ନିକଟସ୍ଥ ସନ୍ଧିବାଡରେ ୨୫ ଏକର ଜମିରେ ଲୋକଙ୍କ ସହାୟତାରେ ୬୦ରୁ ୭୦ପ୍ରକାରର ମୋଟ ୧୦ହଜାର ଗଛ ଲଗାଯାଇଥିଲା। ୨୦୧୭ରେ ରଙ୍ଗମାଟିଆ ପାହାଡ଼କୁ ହାତକୁ ନିଆଗଲା। ସବୁଜ ରଥ ପ୍ରାୟ ୨ଶହ ଗାଁ ଓ ସହର ପରିକ୍ରମା କରିଥିବାବେଳେ ୨୦ରୁ୨୫ ସ୍ୱେଛାସେବୀ ଏଥିରେ ସାମିଲ ହୋଇ ପରିବେଶ ସୁରକ୍ଷା, ଏକକ ବ୍ୟବହାର ପ୍ଲାଷ୍ଟିକ ବର୍ଜନ ଓ ଜଳ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରିଥିଲେ। ୨୦୧୮ରେ ଟାମଣାରେ ପୁଣି ୬ ଏକର ବିଶିଷ୍ଟ ଏକ ଜଙ୍ଗଲ ତଥା ଶ୍ମଶାନ ଓ ଜଳାଶୟ ଜମିରେ ୫ହଜାର ବୃକ୍ଷରୋପଣ କରାଯାଇ ଗ୍ରାମ୍ୟ ଜଙ୍ଗଲରେ ପରିଣତ ହୋଇପାରିଲା। ୨୦୧୯ ସିହାରେ ମଧ୍ୟପ୍ରଦେଶର ନର୍ମଦା ତାପ୍ତି ଅବବାହିକା ଅମରକଣ୍ଟକ ଅଞ୍ଚଳର ପାତଞ୍ଜଳୀ ଝା ନାମକ ଜନୈକ ସ୍ୱେଛାସେବୀ ସୁଧୀରଙ୍କ ଏଭଳି କାର୍ଯ୍ୟ ସମ୍ପର୍କରେ ସୂଚନା ପାଇ 'ସିଡ ବଲ' ମେସିନ ପୁରସ୍କାର ସ୍ୱରୁପ ପ୍ରଦାନ କରିଥିଲେ। ସେହିଦିନ ଠାରୁ ଆରମ୍ଭ ହୋଇଥିଲା ସିଡ୍‌ବଲ ସିଞ୍ଚନ ଜରିଆରେ ଜଙ୍ଗଲ ସୃଷ୍ଟି।

୨୦୨୨ମସିହା ସୁଦ୍ଧା ୧୩ଟି ପାହାଡରେ ବୃକ୍ଷ ରୋପଣ ହୋଇଥିବା ବେଳେ ୨୦୨୩ରେ ଅଧିକ ୭ଟି ପାହାଡ଼ ହାତକୁ ନିଆଯାଇଛି। ବର୍ତ୍ତମାନ ୨୦୨୪ମସିହାରେ ପୁସ୍ତପୁର ନିକଟସ୍ଥ ପାହାଡ଼କୁ ହାତକୁ ନିଆଯାଇ କାର୍ଯ୍ୟ ଜାରି ରହିଥିବା କହିଛନ୍ତି ସୁଧୀର। ଦୀର୍ଘ ୨୦ବର୍ଷ ପୂର୍ବେ ପରିବେଶକୁ ନେଇ ଆରମ୍ଭ ହୋଇଥିବା ଏହି ଅଭିଯାନରେ ବର୍ତ୍ତମାନ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ସ୍ୱେଛାସେବୀ ସାମିଲ ହୋଇଛନ୍ତି। କେତେକ ସ୍ଥାନରେ ଆକ୍ରମଣର ଶୀକାର ମଧ୍ୟ ହେବାକୁ ପଡିଛି। ତଥାପି ସେ ହାରିନାହାନ୍ତି। ପରିବେଶ ସୁରକ୍ଷା ସମସ୍ତଙ୍କର ଦାୟିତ୍ୱ। ହେଲେ ଏଦିଗରେ ପ୍ରଶାସନିକ ସ୍ତରରେ ଯେଭଳି ସହଯୋଗ ମିଳିବା କଥା ତାହା ମିଳିପାରୁନାହିଁ। ସେପଟେ ଭବିଷ୍ୟତର ନାଗରିକ ଯୁବପିଢ଼ିଙ୍କ ମଧ୍ୟରେ ମଧ୍ୟ ଏନେଇ ବର୍ତ୍ତମାନ ଉତ୍ସାହ ନଥିଲେ ହେଁ ଆଗକୁ ନିଶ୍ଚିତ ସବୁ ମହଲରୁ ସହଯୋଗ ମିଳିବ ଓ ସ୍ଥିତିରେ ପରିବର୍ତ୍ତନ ହୋଇ ପରିବେଶ ସୁରକ୍ଷିତ ରହିବ ବୋଲି ଆଶା ରଖିଛନ୍ତି ବିଶିଷ୍ଟ ଶିକ୍ଷାବିତ ତଥା ପରିବେଶବିତ ସୁଧୀର ରାଉତ।

## ଶ୍ରୀ ଶିରିଡି ସାଇଙ୍କ ଚରଣ ପାଦୁକା ଦର୍ଶନ କଲେ ସହସ୍ରାଧିକ ଶ୍ରଦ୍ଧାଳୁ



ବ୍ରହ୍ମପୁର,୧୩।୩(ସମିସ): ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ଶ୍ରୀ ଶିରିଡି ସାଇ ଚରଣ ପାଦୁକା ଦର୍ଶନ କାର୍ଯ୍ୟକ୍ରମରେ ଶୁକ୍ରବାର ସହସ୍ରାଧିକ ଶ୍ରଦ୍ଧାଳୁ ପାଦୁକା ଦର୍ଶନ କରିଛନ୍ତି। ଶିରିଡି ରୀତିରେ ମଧ୍ୟାହ୍ନ ଆରତୀ ଓ ସନ୍ଧ୍ୟାରେ ଧୂପ ଆରତୀ ଅନୁଷ୍ଠିତ ହୋଇଥିଲା। ଏହା ସହ ବେଦପାଠ ଛାତ୍ରଛାତ୍ରୀଙ୍କ ଦ୍ୱାରା ପବିତ୍ର ବେଦପାଠ କରାଯାଇଥିଲା। ସେହିପରି ଶ୍ରୀସାଇ ସତ୍‌ଚରିତ ପାଠ ସମେତ ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟପକ୍ଷରେ ଚଳିତ ମାସ ୧୪ ଓ ୧୫ ତାରିଖରେ ଭୁବନେଶ୍ୱର ଜନତା ମଇଦାନ ଏବଂ ୧୬ ଓ ୧୭ତାରିଖରେ କେନ୍ଦୁଝର ବାମପାର ସ୍ଥିତ ଶିରିଡ଼ି ସାଇ ମନ୍ଦିରରେ ପାଦୁକା ଦର୍ଶନ ସମାରୋହ ଅନୁଷ୍ଠିତ ହେବ। ଉଭୟ କାର୍ଯ୍ୟକ୍ରମରେ ଶିରିଡି ସାଇ ଗ୍ଲୋବାଲ ଫାଉଣ୍ଡେସନର ଅଧ୍ୟକ୍ଷ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ଉପସ୍ଥିତ ରହିବେ ବୋଲି ଜଣାଯାଇଛି।

**ରନ୍ଧନ ଗ୍ୟାସ ଅଭାବ**

# ରେଷ୍ଟୋରାଁ ଆଗରେ ଜଳିଲା କାଠଚୁଲି

ପାରଳାଖେମୁଣ୍ଡି,୧୩।୩

ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧର ପ୍ରଭାବ ଗଜପତି ଜିଲ୍ଲାରେ ଦେଖିବାକୁ ମିଳିଲାଣି। ବର୍ତ୍ତମାନ ଜିଲ୍ଲାରେ ଗ୍ୟାସର ଅଭାବ ଯୋଗୁ ବହୁ ହୋଟେଲ ଓ ରାସ୍ତାକଡ଼ ଠେଲା ଜଳଖିଆ ଓ ଫାଷ୍ଟଫୁଡ୍ ଦୋକାନ ବନ୍ଦ ହୋଇଗଲାଣି। ଜିଲ୍ଲାର ସଦର ମହକୁମା ତଥା ଆଭ୍ୟନ୍ତରୀଣ ଗ୍ରାମାଞ୍ଚଳ ଗୁଡିକରେ ମଧ୍ୟ ଛୋଟ ଛୋଟ ହୋଟେଲ ବ୍ୟବସାୟ କରି ବଞ୍ଚୁଥିବା ଲୋକେ ଗତ ଦୁଇ ଦିନ ହେଲା ନିଜ ବ୍ୟବସାୟ ବନ୍ଦ କରି ମୁଣ୍ଡରେ ହାତଦେଇ ବସିଛନ୍ତି। ଶୁକ୍ରବାର ପାରଳାଖେମୁଣ୍ଡିର କେତେକ ହୋଟେଲ ଓ ରେଷ୍ଟୋରାଁରେ ବାହାରେ କାଠ ଜାଳି ରୋଷେଇ କରୁଥିବା ଦେଖିବାକୁ ମିଳିଥିଲା।




ବର୍ତ୍ତମାନ ଜିଲ୍ଲାରେ ଘରୋଇ ଗ୍ୟାସ ବ୍ୟତୀତ ବ୍ୟବସାୟ ଭିତ୍ତିକ ଗ୍ୟାସ ଠିକ୍‌ରେ ମିଳୁନାହିଁ। ଏବେ ଜିଲ୍ଲାରେ ଭାରତ ଗ୍ୟାସ ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ ତରଫରୁ ଦୁଇଟି ଗ୍ୟାସ ଡିପୋ ରହିଛି, ବର୍ତ୍ତମାନ ଏହି ଦୁଇ ଡିପୋରୁ ବ୍ୟବସାୟ ଉପଯୋଗୀ ବଡ଼ ସିଲିଣ୍ଡର ଦିଆଯାଉନାହିଁ। ଘରୋଇ ଗ୍ୟାସ ସିଲିଣ୍ଡର ପାଇଁ ମଧ୍ୟ ଲୋକେ ସକାଳୁ ଡିପୋ ଆଗରେ ଜମା ହେଉଥିବା ଦେଖିବାକୁ ମିଳୁଛି। ରାଜ୍ୟ ସରକାରଙ୍କ ଘୋଷଣା କ୍ରମେ ସାଧାରଣ ଉପଯୋଗୀ ସିଲିଣ୍ଡର ମଧ୍ୟ ୨୫ ଦିନରେ ଗୋଟିଏ ମିଳୁଛି। ପୂର୍ବରୁ ସୁଲଭ ମୂଲ୍ୟରେ କିରୋସିନ ମିଳି ପାରୁଥିଲା ଯାହା ବର୍ତ୍ତମାନ ଆଉ ସାଧାରଣରେ ମଧ୍ୟ ଉପଲବ୍ଧ ନାହିଁ।

## ବନ୍ଦ ହେଲାଣି ଅଧିକାଂଶ ହୋଟେଲ ଓ ଠେଲାଗାଡ଼ି

## ଆଗକୁ ସ୍ଥିତି ଅସମ୍ଭାଳ ଆଶଙ୍କା



ପୂର୍ବେ ପାରଳାଖେମୁଣ୍ଡି ଏବଂ ଆଖପାଖ ଅଞ୍ଚଳରେ କାଠ ଚୁଲା କିମ୍ବା ତସୁ ଚୁଲା ବ୍ୟବହାର କରୁଥିଲେ ଛୋଟ ଛୋଟ ବ୍ୟବସାୟୀ। ବିଭିନ୍ନ ସମୟରେ ପ୍ରଦୂଷଣ ବିଭାଗ ତରଫରୁ ଚଢ଼ଉ ହେତୁ ଲୋକେ ପାରମ୍ପରିକ ପଦ୍ଧତିକୁ ମଧ୍ୟ ଛାଡିଦେଇଛନ୍ତି। ଦୁଇ ଦିନ ହେଲା ନିଜ ବ୍ୟବସାୟ କରିନପାରି ଜିଲ୍ଲାର ବିଭିନ୍ନ ସ୍ଥାନର ଛୋଟ ବ୍ୟବସାୟୀ ଜାଳେଣିର ସନ୍ଧାନରେ ଦୋକାନ ବନ୍ଦ କରି ବୁଲୁଛନ୍ତି। ଆଗକୁ ଯଦି ଗ୍ୟାସ ବ୍ୟବସାୟ ଭିତ୍ତିରେ ପର୍ଯ୍ୟାପ୍ତ ପରିମାଣରେ ନ ମିଳେ ତେବେ ନିଜ ପେଟ ପଟଣା ପାଇଁ ସରକାର କାଠ ଚୁଲା ଏବଂ ଅନ୍ୟାନ୍ୟ ଜାଳେଣି ସାମଗ୍ରୀ ଉପରେ ଯେଉଁ କଟକଣା ଲଗାଯାଇଥିଲା ତାହା ପୁନର୍ବାର ଅନୁମତି ଦେବାକୁ ବାଧ୍ୟ ହେବେ। କାରଣ ଯାହାଭି ହେଉ ନିଜ ପେଟ ପାଟଣା ଓ ପରିବାରର ଗୁଜୁରାଣ ଲାଗି ସମସ୍ତ ଉଦ୍ୟମ କରିବାକୁ ବାଧ୍ୟ ହେବେ ବୋଲି ବ୍ୟବସାୟୀ ମାନେ କହିଛନ୍ତି। ଏପଟେ ସରକାରୀ ଓ ବେସରକାରୀ କର୍ମଚାରୀ ଅଧିକାଂଶ ନିର୍ଭର କରିଥାନ୍ତି ସକାଳ ଜଳଖିଆ ପାଇଁ ରାସ୍ତ କଡ଼ରେ ଥିବା ଛୋଟ ଛୋଟ ହୋଟେଲ ଗୁଡିକ ଉପରେ। ଗତ ଦୁଇ ଦିନ ହେଲା ଗ୍ୟାସ ଅଭାବରୁ ସେସବୁ ବନ୍ଦ ଥିବା ହେତୁ ସାଧାରଣ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ସରକାର ଛୋଟ ଛୋଟ ବ୍ୟବସାୟୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କୌଣସି ବିକଳ୍ପ ବ୍ୟବସ୍ଥା ବାହାର କରିବା ଆବଶ୍ୟକ ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ହତ୍ୟା ଧମକ ସହ ଭୟଭୀତ କରିବା ଅଭିଯୋଗ

## ● ପ୍ରଧାନଶିକ୍ଷକଙ୍କୁ ୩ ବର୍ଷ ଜେଲ୍ ସହ ଜରିମାନା

ଦାରିଙ୍ଗବାଡି,୧୩।୩ (ସମିସ): ପ୍ରଧାନଶିକ୍ଷକ ଶିକ୍ଷକତା କରିବା ବଦଳରେ ଗୁଣ୍ଡାଗିରି କରି ଆଜି କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତାଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ୧ ମାସ ଅଧିକ ଜେଲ ଦଣ୍ଡ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ପ୍ରଧାନଶିକ୍ଷକ ଜଣଙ୍କ ହେଲେ ସିମନବାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଦେଶୀ ନାୟକ।

ପ୍ରକାଶ ଯେ, ଦାରିଙ୍ଗବାଡି ଥାନା ଅଞ୍ଚଳରେ ୨୦୨୧ ମସିହାରେ ଏକ ଦୁର୍ଘଟଣାକୁ କେନ୍ଦ୍ର କରି ଜଣଙ୍କ ସପକ୍ଷରେ ଯାଇ ମୃତ୍ୟୁଞ୍ଜୟ ନାୟକ ସାତାରବାଡ଼ି ଗ୍ରାମର ବୀରେନ୍ଦ୍ର ନାୟକଙ୍କ ସମେତ ତାଙ୍କ ମା'ଙ୍କୁ ହତ୍ୟା ଧମକ ଦେବା ସହ ଦୁର୍ବ୍ୟବହାର କରିଥିଲେ ବିଦେଶୀ ନାୟକ। ଏହାକୁ ନେଇ ମୃତ୍ୟୁଞ୍ଜୟ ଦାରିଙ୍ଗବାଡ଼ି ଥାନାରେ ଏତଲା ଦେଇଥିଲେ। ଦାରିଙ୍ଗବାଡି ପୁଲିସ ଏତଲା ଗ୍ରହଣ ନକରିବାରୁ ବାଲିଗୁଡା ଏସଡ଼ିପିଓ ଓ ଏସପିଙ୍କୁ ମଧ୍ୟ ଏତଲା ପ୍ରଦାନ କରିଥିଲେ ମୃତ୍ୟୁଞ୍ଜୟ। କୌଣସି ପ୍ରକାରେ ମାମଲା ରୁଜୁ ନ କରିବାରୁ ଶେଷରେ ଦାରିଙ୍ଗବାଡି କୋର୍ଟରେ ଅଭିଯୋଗ କରିଥିଲେ। ଏହାପରେ ଆରମ୍ଭ ହୋଇଥିଲା ତଦନ୍ତ। ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବାଲିଗୁଡା କୋର୍ଟ ବୁଧବାର ଶିକ୍ଷକ ବିଦେଶୀ ନାୟକଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡ ସହ ୨୫ ହଜାର ଟଙ୍କା ଜରିମାନା କରିଛନ୍ତି। ଏହି କେଶକୁ ଅତିରିକ୍ତ ପିପି ସୁରେଶ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ।

## ● କନ୍ଧମାଳରେ ସରୁନି ଦାଦନ ଯନ୍ତ୍ରଣା

# ତାମିଲନାଡୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ଫିରିଙ୍ଗିଆ,୧୩।୩(ସମିସ): କନ୍ଧମାଳ ଜିଲ୍ଲାରେ ସରୁନି ଦାଦନ ଯନ୍ତ୍ରଣା। ଜିଲ୍ଲାରେ କାମଧନ୍ଦାର ଅଭାବ ଯୋଗୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ବହୁ ଯୁବକ ଶବ ହୋଇ ଫେରୁଛନ୍ତି। ଏଭଳି ଅନେକ ଘଟଣା ପୂର୍ବରୁ ଜିଲ୍ଲାରେ ଘଟି ସାରିଥିବା ବେଳେ ଏବେ ପୁଣିଜଣେ ଦାଦନ ଶ୍ରମିକଙ୍କ ତାମିଲନାଡୁରେ ମୃତ୍ୟୁ ହୋଇଛି। ମୃତକ ହେଲେ ଫିରିଙ୍ଗିଆ ବ୍ଲକ କେଳାପଡ଼ା ପଞ୍ଚାୟତ ଗୁରୁପଡା ଗାଁର କୁରୁପତି ଦିଗାଲ।



ସୂଚନା ଅନୁସାରେ, କୁରୁପତି ୬ ମାସ ତଳେ ତାମିଲନାଡୁର ତିରିପୁର ଅଞ୍ଚଳକୁ କାମ କରିବାକୁ ଯାଇଥିଲେ। ସେଠି ଏକ ଦୋକାନରେ ଶ୍ରମିକ ଭାବରେ କାମ କରୁଥିଲେ। ଗତ ବୁଧବାର ଦିନ ହଠାତ ସେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ସହକର୍ମୀମାନେ କୋଏମ୍ବାଟୁର ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସିତ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ଜଣାପଡ଼ିବା ପରେ କୁରୁପତିଙ୍କ ପରିବାରରେ ଶୋକର ଛାୟା ଖେଳିଯାଇଛି। ବର୍ତ୍ତମାନ ତାଙ୍କ ମୃତଦେହ ସେହି ମେଡିକାଲର ଶବ ସଂରକ୍ଷଣ ଗୃହରେ ରହିଛି। ଶ୍ରମିକଙ୍କ ପରିବାର ଅତି ଗରିବ ଶ୍ରେଣୀର ହୋଇଥିବାରୁ ତାମିଲନାଡୁରୁ ଶବ ଆଣିବା ସମ୍ଭବ ହୋଇପାରୁନାହିଁ। ମୃତ ଶ୍ରମିକଙ୍କ ଶବ କିଭଳି ନିଜ ଗାଁକୁ ଆସିପାରିବ ସେନେଇ ପ୍ରଶାସନକୁ ଗୁହାରି କରିଛନ୍ତି ପରିବାର ଲୋକେ। ଘଟଣା ସମ୍ପର୍କରେ କନ୍ଧମାଳ ଜିଲ୍ଲା ବିଜେପି ସଭାପତି ପଣ୍ଡିତ ବିଶିମାଝିଙ୍କୁ ଜଣାଇବା ପରେ ଶବ କିଭଳି ଗାଁକୁ ଆସିବ ସେନେଇ ଚେଷ୍ଟା ଜାରି ରହିଛି ବୋଲି କହିଥିଲେ। ହେଲେ ଗାଁରେ ଶବ ପହଞ୍ଚି ନଥିବା ଜଣାଯାଇଛି।

# ପ୍ରଶାସନିକ କ୍ଷେତ୍ରରେ ଏଆଇ ଉପଯୋଗ କର୍ମଶାଳା




ପାରଳାଖେମୁଣ୍ଡି,୧୩।୩(ସମିସ): ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତା (ଏଆଇ)ର ସରଳ ବ୍ୟବହାର କରି ଗଜପତି ଜିଲ୍ଲାର ଜନସାଧାରଣଙ୍କୁ କିପରି ଉନ୍ନତମାନର ସେବା ଯୋଗାଇ ଦିଆଯିବ ସେ ନେଇ ଏକ ଦିନିକିଆ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନନାଗା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର ଓ ଡେପୁଟି କଲେକ୍ଟର ବିନାୟକ ରାଉଳ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଓକାକ୍ ସୌଜନ୍ୟରୁ ଓକେସିଏଲ ପକ୍ଷରୁ ଆୟୋଜିତ କର୍ମଶାଳାରେ ଓକେସିଏଲର ଜିଲ୍ଲା ମୁଖ୍ୟ ଶ୍ରୀକାନ୍ତ ମହାନ୍ତି ସଂଯୋଜନା କରିଥିବା ବେଳେ ଶୁଭମ୍ ଚୌଧୁରୀ ରିସୋର୍ସପର୍ସନ ଭାବେ ଯୋଗଦେଇ ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ସରଳ ବ୍ୟବହାର ପାଇଁ ବିଭିନ୍ନ ଉପକରଣ (ଟୁଲ୍) ସମ୍ପର୍କରେ ବିଶଦ ଭାବରେ ଉପସ୍ଥାପନ କରିଥିଲେ। ଜିଲ୍ଲାର ବିଭିନ୍ନ ବିଭାଗର ବଚ୍ଛା ବଚ୍ଛା ୩୪ ଜଣ ଅଧିକାରୀ କର୍ମଶାଳାରେ ଅଂଶଗ୍ରହଣ କରିବା ସହ ଏଭଳି ସରକାରୀ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ଏଭଳି କର୍ମଶାଳାରେ ଜିଲ୍ଲାର ସମସ୍ତ ପଦାଧିକାରୀ ଓ କର୍ମଚାରୀଙ୍କୁ ଅନ୍ତର୍ଭୁକ୍ତ କରାଗଲେ ଜିଲ୍ଲାର ମଙ୍ଗଳ ସାଧିତ ହେବ ବୋଲି ମତପ୍ରକାଶ ପାଇଛି।

# ଜିଲ୍ଲା ବାହାର ଠିକାଦାରଙ୍କୁ ମା' ପାଟଖଣ୍ଡା ସଂଘର ବିରୋଧ




ବାଲିଗୁଡା,୧୩।୩(ସମିସ): ବାଲିଗୁଡ଼ା ଉପଖଣ୍ଡର ମା' ପାଟଖଣ୍ଡା ଠିକାଦାର ସଂଘର ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା। ବାଲିଗୁଡ଼ା ଉପଖଣ୍ଡର ୫ ବ୍ଲକର ଶତାଧିକ ଠିକାଦାର ଯୋଗଦେଇ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ବାହାର ଠିକାଦାରଙ୍କୁ ଏଠାରେ ପ୍ରବଳ ବିରୋଧ ହୋଇଥିଲା। ଆଇଟିଡିଏ, ପିଡବ୍ଲ୍ୟୁଡି, ଆରଡିଓ ଏମଆଇ ଭଳି ବିଭିନ୍ନ କାର୍ଯ୍ୟାଳୟରେ ବାହାର ଜିଲ୍ଲାର ଅନେକ ସ୍ୱତନ୍ତ୍ର ଶ୍ରେଣୀ ଠିକାଦାର କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକ ରେ କାମ କରୁଛନ୍ତି। ରାଜ୍ୟ ସରକାରଙ୍କ ନୂତନ ନିୟମ ଅନୁଯାୟୀ ମନଇଚ୍ଛା ଭାବେ ପାଖାପାଖି ୩୦ ପ୍ରତିଶତରୁ ୪୦ ପ୍ରତିଶତ କାମ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ କରିଛି ମା' ପାଟଖଣ୍ଡା ଠିକାଦାର ସଂଘ। ସଂଘ ସଭାପତି ସ୍ୱପ୍ନେଶ୍ୱର ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସମସ୍ତ କର୍ମକର୍ତ୍ତାଙ୍କ ସମେତ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ସାମିଲ ହୋଇଥିଲେ।

**ମୋହନା ଓକିଲ ସଂଘ**

# ରବୀନ୍ଦ୍ର ସଭାପତି, ପଦ୍ମନାଭ ସମ୍ପାଦକ



ମୋହନା,୧୩।୩(ସମିସ): ମୋହନା ଓକିଲ ସଂଘ ନିର୍ବାଚନ ସମ୍ପନ୍ନ ହୋଇଛି। ଓଡ଼ିଶା ବାର କାଉନସିଲର ନିୟମ ଅନୁଯାୟୀ ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ ବିଳାସ ନାୟକଙ୍କ ତତ୍ତ୍ୱାବଧାନରେ ଗତ ୭ ତାରିଖ ଦିନ ପ୍ରାର୍ଥିପତ୍ର ଦାଖଲ ଆରମ୍ଭ ହୋଇଥିଲା। ୧୧ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ହୋଇଥିବା ବେଳେ ଶୁକ୍ରବାର ପ୍ରତ୍ୟାହାରର ଶେଷ ଦିନ ଥିଲା। ସଭାପତି ପଦ ପାଇଁ ୨ ଜଣ ପ୍ରାର୍ଥୀ ଥିବାବେଳେ ଆଇନଜୀବୀ ସୀମାଞ୍ଚଳ କାର୍ଜି ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିଲେ। ଫଳରେ ସଭାପତି ଭାବେ ସପ୍ତମ ଥର ପାଇଁ ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର କୁମାର ନାୟକ ଓ ସମ୍ପାଦକ ଭାବେ ପଦ୍ମନାଭ ପତି ଦ୍ୱିତୀୟ ଥର ପାଇଁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ଯୋନାଥନ ଲିମ୍ମା, ସହସମ୍ପାଦକ ହନି ବିଷୋୟୀ, କୋଷାଧ୍ୟକ୍ଷ ରାକେଶ କୁମାର ନାୟକ, ଲାଇବ୍ରେରୀଅନ ରୀନା ପ୍ରଧାନ ଓ ସହକାରୀ ଲାଇବ୍ରେରୀଅନ ଭାବେ ସୁନିତା କୁମାରୀ ରଣସିଂ ଏକମାତ୍ର ପ୍ରାର୍ଥୀ ଥିବାରୁ ସମସ୍ତେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଘୋଷଣା କରିଛନ୍ତି। ଓକିଲ ସଂଘର ନୂତନ କର୍ମକର୍ତ୍ତାଙ୍କୁ ସମସ୍ତ ଆଇନଜୀବୀ ସ୍ୱାଗତ

# ବାଲିଗୁଡ଼ାରେ ବ୍ଲକ୍‌ସ୍ତରୀୟ ଜନଶୁଣାଣି



ବାଲିଗୁଡା,୧୩।୩(ସମିସ): ବାଲିଗୁଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମକୁ ବାଲିଗୁଡ଼ା ବ୍ଲକ୍ ସମସ୍ତ ପଞ୍ଚାୟତ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ଯୋଜନା ସମ୍ପର୍କରେ ପଞ୍ଚାୟତ କର୍ମଚାରୀ ସମସ୍ତ ବିବରଣୀ ପାଠ କରୁଥିବା ବେଳେ ଅନେକ ପଞ୍ଚାୟତର ଜନ ସାଧାରଣ କାମ କରି ପଇସା ପାଉ ନଥିବା ଅଭିଯୋଗ କରୁଥିବା ଦେଖିବାକୁ ମିଳିଥିଲା। ସୋସିଆଲ ଅଡିଟରଙ୍କୁ କୌଣସି ସୂଚନା ଠିକ ସମୟରେ ଦେଉନଥିବା ସହ ଗାଁ ଲୋକଙ୍କୁ ଜନଶୁଣାଣିକୁ ଆସିବାକୁ ସୂଚନା ଦିଆଯାଉନଥିବା ଅଭିଯୋଗ ହୋଇଥିଲା। ବ୍ଲକ୍ ସୂଚନା ମୁତାବକ ସକାଳେ ୧୦ ଘଣ୍ଟା ସମୟରେ ଥିବା ବେଳେ ବହୁ ବିଳମ୍ବରେ ଅର୍ଥାତ୍ ଦୁଇ ଘଣ୍ଟା ବିଳମ୍ବରେ ଜନ ଶୁଣାଣି କାର୍ଯ୍ୟକ୍ରମ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା। ଜନ ଶୁଣାଣି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗ ଯଥା ଉଦ୍ୟାନ ବିଭାଗ ଏବଂ ଆଇଟିଡିଏ ଅଧିକାରୀ କି କର୍ମଚାରୀଙ୍କ ଦେଖା ମିଳି ନଥିଲା। ଏଣୁ ବହୁ ଅଭିଯୋଗର କିଛି ସମାଧାନ ହୋଇପାରି ନଥିଲା।

# ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ମାଗଣା ସ୍ୱାସ୍ଥ୍ୟସେବା

ଗୋଷାଣି,୧୩।୩ (ସମିସ): ଗୋଷାଣି ପଞ୍ଚାୟତ ସମିତି କାର୍ଯ୍ୟାଳୟ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୁଲ୍ୟରେ ଗଜପତି ଜିଲ୍ଲା ଗୋଷାଣି ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଏନ୍. ବୀରରାଜୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ସସ୍ମିତା ଜେନା, ପଞ୍ଚାୟତ ଉନ୍ନୟନ ଅଧିକାରୀ ଅଶୋକ କୁମାର ପାତ୍ର, ବ୍ଲକର ଆକାଉଣ୍ଟାଣ୍ଟ ଗଜେନ୍ଦ୍ର ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଉତ୍ସର୍ଗିତା ବଡରଇତ ଯୋଗ ଦେଇଥିଲେ। ଶିବିରରେ ଶତାଧିକ ଭିନ୍ନକ୍ଷମ ବ୍ୟକ୍ତିବିଶେଷ ଯୋଗଦେଇ ଚିକିତ୍ସା କରାଇଥିଲେ। ୭୩ ଜଣ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରାଯାଇ ବିଭିନ୍ନ ସହାୟତା ଉପକରଣ ବଣ୍ଟନ କରାଯିବ। ଏହାସହ ଅସ୍ଥିଶଲ୍ୟ ବିଭାଗ, କର୍ଣ୍ଣ ବଧିର, ଚକ୍ଷୁ, ଏମ୍‌ଆର୍ ସିପି ଆଦି ବିଭିନ୍ନ ବିଭାଗର ଡାକ୍ତର ତଥା ବିଶେଷଜ୍ଞ ଯୋଗଦେଇ ପରୀକ୍ଷାନିରୀକ୍ଷା କରିଥିଲେ। ବ୍ଲକର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିବା ବେଳେ ଗୋଷାଣି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁବ୍ରତ ଦାସ ପରିଚାଳନା କରିଥିଲେ। ଏହି ଅବସରରେ ବ୍ଲକ କାର୍ଯ୍ୟାଳୟ ପରିସରରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ବ୍ୟକ୍ତିବିଶେଷଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

# କୃଷକ ଏକତା ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ପାରଳାଖେମୁଣ୍ଡି,୧୩।୩(ସମିସ): ଗୋଷାଣି ବ୍ଲକ ଉପଲଡା ଗ୍ରାମସ୍ଥିତ ମଣ୍ଡି ପରିସରରେ କୃଷକ ଏକତା ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ନିମନ୍ତେ ମାର୍ଚ୍ଚ ୨୨ ତାରିଖ ମଧ୍ୟରେ କେନ୍ଦୁଝରର ଘଟଗାଁ ତାରିଣୀ ପହଞ୍ଚି ସେହି ଦିନ ହିଁ ଭୁବନେଶ୍ୱର ପଦଯାତ୍ରାରେ ବାହାରି ୩୧ ତାରିଖ ଦିନ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି। ମାର୍ଚ୍ଚ ୩୧ ତାରିଖରେ ଭୁବନେଶ୍ୱରରେ ପହଞ୍ଚି କୃଷକ ଏକତା ପଦଯାତ୍ରା ସମାପନ ହେବ। ଏଥିରେ ମୁଖ୍ୟ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମନମୁଖୀ ଶାସନକୁ ନେଇ ଗର୍ଜିବେ କୃଷକ ବୋଲି ନିଷ୍ପତ୍ତି ହୋଇଛି। ଏଥି ନିମନ୍ତେ ଗଜପତିରୁ ୧ ହଜାର ଚାଷୀ ଯୋଗ ଦେବାପାଇଁ ପ୍ରସ୍ତୁତ ରହିଥିବାକୁ ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ୨୦ ବୟସ୍କ ଚାଷୀଙ୍କୁ ମାସିକ ୧୦,୦୦୦ଟଙ୍କା ଚାଷୀ ପେନସନ, ବାର୍ଦ୍ଧକ୍ୟ ଭତ୍ତା ୩୫୦୦, ମଣ୍ଡିରେ କଟିନି ଛଟିନି ବନ୍ଦ କରିବା, ସମସ୍ତ ଜମିକୁ ଜଳସେଚନ , ନିଶାମୁକ୍ତ ଓଡିଶା ଗଠନ କରିବା ଏପରି ୨୧ ଦଫା ଦାବିକୁ ନେଇ କୃଷକ ଏକତା ପଦଯାତ୍ରା ହେବ ବୋଲି ନବନିର୍ମାଣ କୃଷକ ସଂଗଠନର ଜିଲ୍ଲା ପ୍ରଭାରୀ ରଣଜିତ ପଟ୍ଟନାୟକ, ପ୍ରଭାତ ମୁହାଳିକ ଓ ଜିଲ୍ଲାପରିଷଦ ସଭ୍ୟ ଏସ୍. ବାଲାରାଜୁ ତିରୁପତି ରାଓ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପି. ପୋଲେୟା, ବିଜୟ କୁମାର ପ୍ରଧାନ, ଚନ୍ଦ୍ର ପ୍ରଧାନ, କୈଳାଶ ଦାଶ, ଭି. ବାସୁଦେବ, ପ୍ରକାଶ ପ୍ରଧାନ, ଦଣ୍ଡାସୀ ଖଣ୍ଡୁଆଳଙ୍କ ସମେତ ବହୁ ସଂଖ୍ୟକ କୃଷକ ଓ କୃଷକନେତା ଯୋଗ ଦେଇଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଫିରିଙ୍ଗିଆ,୧୩।୩(ସମିସ): ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଜ୍ଞାନରଞ୍ଜନ ସେଠୀଙ୍କ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ଫିରିଙ୍ଗିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ନମିତା କହଁର ଯୋଗ ଦେଇ ଭିନ୍ନକ୍ଷମ ଲୋକଙ୍କ ପାଇଁ ସରକାର ନେଉଥିବା ବିଭିନ୍ନ ସୁବିଧା ଓ ଯୋଜନା ବିଷୟରେ ଅବଗତ କରାଇଥିଲେ। ଏଥିରେ ଜିଲ୍ଲା ଭିନ୍ନକ୍ଷମ ଥଇଥାନ ଅଧିକାରୀ ଅକ୍ଷୟ କୁମାର ପଣ୍ଡା ସହିତ ଅଞ୍ଚଳର ବିଭିନ୍ନ ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ। ଶିବିରରେ ସମୁଦାୟ ୧୬୫ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କର ପଞ୍ଜୀକରଣ କରାଯାଇଥିଲା। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ନିବେଦିତା ଜାନୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଭିନ୍ନ ବିଶେଷଜ୍ଞ ଡାକ୍ତର ଉପସ୍ଥିତ ରହି ରୋଗୀଙ୍କ ପରୀକ୍ଷା କରିଥିଲେ। ଅସ୍ଥିଶଲ୍ୟ ଡା.ଚିନ୍ମୟ କୁମାର ପ୍ରଧାନ, ଭେଷଜ ବିଶେଷଜ୍ଞ ଡା.ଉତ୍କଳ କେଶରୀ ବେହେରା, ଚକ୍ଷୁରୋକ ବିଶେଷଜ୍ଞ ଡା.ଅରବିନ୍ଦ ଦାଶ, ଶିଶୁରୋଗ ବିଶେଷଜ୍ଞ ଡା.ପ୍ରଦୀପ କୁମାର ବେହେରା ଓ ଇଏନଟି ଡା. ସତ୍ୟବ୍ରତ ସାହୁ ନିଜ ନିଜ ବିଭାଗରେ ଚିକିତ୍ସା ସେବା ପ୍ରଦାନ କରିଥିଲେ।

# ଲ୍ୟାମ୍ପ୍ସ ସମବାୟ ସମିତିର ସାଧାରଣ ବୈଠକ




ଜି.ଉଦୟଗିରି,୧୩।୩(ସମିସ): ଜି.ଉଦୟଗିରି ସ୍ଥିତ ଆଦର୍ଶ ସମବାୟ ସମିତିର ବାର୍ଷିକ ସାଧାରଣ ବୈଠକ ସଭାପତି ଯମେଶ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମବାୟ ସମିତି ପରିଚାଳନା ନିର୍ଦ୍ଦେଶକ ଶିଶିରକାନ୍ତ ତ୍ରିପାଠୀ, ସମିତିର ସମସ୍ତ ସଦସ୍ୟ ଏବଂ ୧୭୦ ସଭ୍ୟଙ୍କ ଉପସ୍ଥିତିରେ କାର୍ଯ୍ୟସୂଚୀ ଅନୁସାରେ ସମସ୍ତ ବିଷୟ ଆଲୋଚନା କରାଯାଇ ଭବିଷ୍ୟତ ଯୋଜନାକୁ ମଞ୍ଜୁର କରାଯାଇଛି। ଉକ୍ତ ବୈଠକରେ ଜିଲ୍ଲା ଉପନିବନ୍ଧକ ସମବାୟ ସମିତି ସମୂହର ସନ୍ତୋଷ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସହକାରୀ ନିବନ୍ଧକ ଲଳିତ ମାଝୀ, ସହ ସହକାରୀ ନିବନ୍ଧକ ସଞ୍ଜୟ ପଟ୍ଟନାୟକ, ସତ୍ୟଜିତ ସେଠୀ ଇନ୍ସପେକ୍ଟର ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟଅତିଥିଙ୍କ ଦ୍ୱାରା ଲ୍ୟାମ୍ପ ପରିସରରେ ନାଫେଡ଼ ଗ୍ରୋସରୀ ଦୋକାନ ଉଦଘାଟନ ହୋଇଥିଲା। ସମିତି ହିସାବ ରକ୍ଷକ ପିତାମ୍ବର ସାହୁ ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# କୃଷକ ଏକତା ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ପାରଳାଖେମୁଣ୍ଡି,୧୩।୩(ସମିସ): ଗୋଷାଣି ବ୍ଲକ ଉପଲଡା ଗ୍ରାମସ୍ଥିତ ମଣ୍ଡି ପରିସରରେ କୃଷକ ଏକତା ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ନିମନ୍ତେ ମାର୍ଚ୍ଚ ୨୨ ତାରିଖ ମଧ୍ୟରେ କେନ୍ଦୁଝରର ଘଟଗାଁ ତାରିଣୀ ପହଞ୍ଚି ସେହି ଦିନ ହିଁ ଭୁବନେଶ୍ୱର ପଦଯାତ୍ରାରେ ବାହାରି ୩୧ ତାରିଖ ଦିନ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି। ମାର୍ଚ୍ଚ ୩୧ ତାରିଖରେ ଭୁବନେଶ୍ୱରରେ ପହଞ୍ଚି କୃଷକ ଏକତା ପଦଯାତ୍ରା ସମାପନ ହେବ। ଏଥିରେ ମୁଖ୍ୟ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମନମୁଖୀ ଶାସନକୁ ନେଇ ଗର୍ଜିବେ କୃଷକ ବୋଲି ନିଷ୍ପତ୍ତି ହୋଇଛି। ଏଥି ନିମନ୍ତେ ଗଜପତିରୁ ୧ ହଜାର ଚାଷୀ ଯୋଗ ଦେବାପାଇଁ ପ୍ରସ୍ତୁତ ରହିଥିବାକୁ ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ୨୦ ବୟସ୍କ ଚାଷୀଙ୍କୁ ମାସିକ ୧୦,୦୦୦ଟଙ୍କା ଚାଷୀ ପେନସନ, ବାର୍ଦ୍ଧକ୍ୟ ଭତ୍ତା ୩୫୦୦, ମଣ୍ଡିରେ କଟିନି ଛଟିନି ବନ୍ଦ କରିବା, ସମସ୍ତ ଜମିକୁ ଜଳସେଚନ , ନିଶାମୁକ୍ତ ଓଡିଶା ଗଠନ କରିବା ଏପରି ୨୧ ଦଫା ଦାବିକୁ ନେଇ କୃଷକ ଏକତା ପଦଯାତ୍ରା ହେବ ବୋଲି ନବନିର୍ମାଣ କୃଷକ ସଂଗଠନର ଜିଲ୍ଲା ପ୍ରଭାରୀ ରଣଜିତ ପଟ୍ଟନାୟକ, ପ୍ରଭାତ ମୁହାଳିକ ଓ ଜିଲ୍ଲାପରିଷଦ ସଭ୍ୟ ଏସ୍. ବାଲାରାଜୁ ତିରୁପତି ରାଓ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପି. ପୋଲେୟା, ବିଜୟ କୁମାର ପ୍ରଧାନ, ଚନ୍ଦ୍ର ପ୍ରଧାନ, କୈଳାଶ ଦାଶ, ଭି. ବାସୁଦେବ, ପ୍ରକାଶ ପ୍ରଧାନ, ଦଣ୍ଡାସୀ ଖଣ୍ଡୁଆଳଙ୍କ ସମେତ ବହୁ ସଂଖ୍ୟକ କୃଷକ ଓ କୃଷକନେତା ଯୋଗଦେଇଥିଲେ।

# ଜଳୁଛି ପରମାହା ଜଙ୍ଗଲ; ଧୂଆଁମୟ ପରିବେଶ

ଟିକାବାଲି,୧୩।୩(ସମିସ): ଟିକାବାଲି ବନାଞ୍ଚଳ ଅନ୍ତର୍ଗତ ଲୁଜୁରାମୁଣ୍ଡା ଅଞ୍ଚଳର ପରମାହା ଜଙ୍ଗଲରେ ନିଆଁ ଲାଗିଛି। ୨ ଦିନ ହେବ ଲାଗିଥିବା ଏହି ନିଆଁ ଏବେ ଭୟଙ୍କର ରୂପ ଧାରଣ କରିଥିବା ବେଳେ ବନବିଭାଗ ଏହାକୁ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ନିଆଁର ପ୍ରଭାବରେ ସମଗ୍ର ଅଞ୍ଚଳ ଏବେ ଧୂଆଁମୟ ହୋଇପଡ଼ିଥିବା ବେଳେ ପରିବେଶ ସ୍ୱାଭାବିକ ହେବାକୁ ମାସେରୁ ଅଧିକ ସମୟ ଲାଗିପାରେ ବୋଲି ଆଶଙ୍କା କରାଯାଉଛି।

ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ପରମାହା ଜଙ୍ଗଲର ବ୍ୟାପକ ଅଞ୍ଚଳରେ ନିଆଁ ଖେଳିଯାଇଛି। ସେହିପରି ଚକାପାଦ ଅଞ୍ଚଳରେ ନିଆଁ ଲାଗିଥିବା ଟିକାବାଲି ବନ ବିଭାଗ ଅଧିକାରୀ ରଶ୍ମିରଞ୍ଜନ ସ୍ୱାଇଁ କହିଛନ୍ତି। ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ପାରିନଥିବା ସୂଚନା ମିଳୁଛି। ଦୁର୍ଗମ ପାହାଡ଼ିଆ ଅଞ୍ଚଳ ଯୋଗୁ ନିଆଁକୁ ରୋକିବା ସମ୍ଭବ ହେଉନାହିଁ। ଜଙ୍ଗଲ ଜଳିବା ଫଳରେ ବାହାରୁଥିବା କଳା ଧୂଆଁ ଟିକାବାଲି ଓ ଏହାର ପାର୍ଶ୍ୱବର୍ତ୍ତୀ ଗ୍ରାମକୁ ଆଚ୍ଛାଦିତ କରି ରଖିଛି। ଏଥିରେ ସ୍ଥାନୀୟ ଲୋକେ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରୁଥିବା ବେଳେ ଆଖି ପୋଡ଼ିବା ଭଳି ସମସ୍ୟା ଦେଖାଦେଇଛି। କେବଳ ମଣିଷ ନୁହେଁ, ଜଙ୍ଗଲରେ ଥିବା ବନ୍ୟଜନ୍ତୁ ମଧ୍ୟ ଅଣନିଶ୍ୱାସୀ ହୋଇ ଜନବସତି ମୁହାଁ ହେଉଥିବା ଦେଖିବାକୁ ମିଳୁଛି।



ପରିବେଶବିତ୍‌ଙ୍କ ମତରେ, ଯେଉଁ ପରିମାଣରେ ଅଙ୍ଗାରକାମ୍ଳ ଗ୍ୟାସ ନିର୍ଗତ ହେଉଛି, ତାହାକୁ ପ୍ରଶମିତ କରି ପରିବେଶ ସ୍ୱାଭାବିକ ହେବାକୁ ଅତି କମରେ ଏକ ମାସ ସମୟ ଲାଗିପାରେ। ନିଆଁରେ ଅନେକ ମୂଲ୍ୟବାନ ଶାଳ, ପିଆଶାଳ ଏବଂ ଔଷଧୀୟ ବୃକ୍ଷ ପୋଡ଼ି ପାଉଁଶ ହୋଇଯାଇଛି। ବସନ୍ତ ଋତୁରେ ନୂଆପତ୍ର କଅଁଳୁଥିବା ସମୟରେ ଏହି ବିପର୍ଯ୍ୟୟ ଜଙ୍ଗଲର ଜୈବ ବିବିଧତା ପ୍ରତି ଏକ ବଡ଼ ବାଧକ ବୋଲି କୁହାଯାଇଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ପରିବେଶ ପ୍ରେମୀମାନେ ବନ ବିଭାଗର ପ୍ରସ୍ତୁତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି। ପ୍ରତିବର୍ଷ ଗ୍ରୀଷ୍ମ ଋତୁ ପୂର୍ବରୁ ସଚେତନତା ଓ ଫାୟାର ଲାଇନ ପ୍ରସ୍ତୁତି ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ କାହିଁକି ନିଆଁକୁ ରୋକାଯାଇ ପାରୁନାହିଁ, ତାହା ଏବେ ତଦନ୍ତ ସାପେକ୍ଷ। ତୁରନ୍ତ ଅତିରିକ୍ତ ଅଗ୍ନିଶମ ବାହିନୀ କିମ୍ବା ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରି ପରମାହା ଜଙ୍ଗଲକୁ ରକ୍ଷା କରିବା ପାଇଁ ସାଧାରଣରେ ଦାବି ହେଉଛି। ନଚେତ୍ ଆଗାମୀ ଦିନରେ ଏହି ନିଆଁ ଗାଁ ଗଣ୍ଡା ଆଡ଼କୁ ବ୍ୟାପିବା ସହ ବଡ଼ ଧରଣର କ୍ଷୟକ୍ଷତି ଘଟାଇବା ଆଶଙ୍କା ପ୍ରକାଶ ପାଉଛି।

## ଜି.ଉଦୟଗିରି ବନାଞ୍ଚଳରେ ହାତୀ ନେଲା ୨ ଜୀବନ

ଜି.ଉଦୟଗିରି,୧୩।୩(ସମିସ): ଜି.ଉଦୟଗିରି ବନାଞ୍ଚଳରେ ହାତୀ ନେଲା ୨ ଜୀବନ । ମୃତକ ହେଲେ ବାମଦେବ ପ୍ରଧାନ ଓ କୀର୍ତ୍ତନ ବଗର୍ତ୍ତି । ଶୁକ୍ରବାର ସନ୍ଧ୍ୟାରେ ବାମଦେବ ଓ କୀର୍ତ୍ତନ ପାବୁରିଆ ସେକ୍ସନ ଅନ୍ତର୍ଗତ ଡାମ୍ବାଅଞ୍ଚଳ ଜଙ୍ଗଲରୁ ଫେରୁଥିବା ବେଳେ ଉତ୍ତର ଘୁମୁସର ବନାଞ୍ଚଳରୁ ଫେରିଥିବା ହାତୀ ହାବୁଡ଼ରେ ପଡ଼ିଥିଲେ । ହାତୀ ସେମାନଙ୍କୁ ଦଳି ଦେଇଥିଲା । କିଛିଲୋକ ସେହି ବାଟ ଦେଇ ଫେରୁଥିବାବେଳେ ଏହା ଦେଖିଥିଲେ । ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳ ସହ ରାତି ହୋଇଯିବାରୁ ମୃତଦେହ ଉଦ୍ଧାର କରାଯାଇପାରିନାହିଁ । କିଛିଦିନ ତଳେ ଦନ୍ତା ଏହି ଅଞ୍ଚଳରେ ୩ ଜୀବନ ନେଇଥିବାବେଳେ ବର୍ତ୍ତମାନ ପୁଣି ୨ଜଣଙ୍କ ମୃତ୍ୟୁ ପରେ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି । ଖବର ପାଇଁ ଜି.ଉଦୟଗିରି ବନାଞ୍ଚଳ ମାଣିକେଶ୍ୱରୀ ପଟ୍ଟନାୟକ ଓ ପାବୁରିଆ ସେକ୍ସନ ବନପାଳ ମନୋଜ କୁମାର ଝା ସଦଳବଳ ପହଞ୍ଚି ଘଟଣା ଉପରେ ନଜର ରଖିବା ସହ ହାତୀ ଗତିବିଧି ଅନୁଧ୍ୟାନ କରୁଛନ୍ତି ।

## ବାଇକ୍ ଚୋରି ନେଇ ଏତଲା

ଦିଗପହଣ୍ଡି,୧୩।୩(ସମିସ): ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ଗ୍ରାମର ରାଜେଶ କୁମାର ରାଉତଙ୍କ ବାଇକକୁ କେହି ଦୁର୍ବୃତ୍ତ ତାଙ୍କ ଘର ସମ୍ମୁଖରୁ ଚୋରି କରିଥିବା ନେଇଥିବା ସେ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି । ପୁଲିସ ମାମଲା ରୁଜି କରିଛି । ଗତ ଫେବୃଆରୀ ୨୨ ରାତିରେ ସେ ଏକ ଭୋଜିରୁ ଫେରି ବାଇକକୁ ଘର ସାମ୍ନାରେ ରଖିଥିଲେ । ସକାଳେ ନପାଇ ଚୋରି ହୋଇଥିବା ଜାଣିଥିଲେ । ମାତ୍ର ଶାରୀରିକ ଅସୁସ୍ଥତା କାରଣରୁ ଥାନାରେ ଅଭିଯୋଗ କରିପାରିନଥିବାବେଳେ ଏବେ ଅଭିଯୋଗ କରିଥିବା କହିଛନ୍ତି ।

## ନିର୍ବାହୀ ଅଧିକାରୀଙ୍କୁ କାଉନସିଲରଙ୍କ ଦାବିପତ୍ର

ଦିଗପହଣ୍ଡି,୧୩।୩(ସମିସ): ଦିଗପହଣ୍ଡି ସହରର ବହୁବିଧ ବିକାଶ ପାଇଁ ୧୧ ନଂ ୱାର୍ଡ କାଉନ୍‌ସିଲର ଜ୍ୟୋତ୍ସ୍ନା ଜେନା ଓ ତାଙ୍କ ପ୍ରତିନିଧି ରମେଶ ଚନ୍ଦ୍ର ଜେନା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ



ଅବିନାଶ ମିଶ୍ରଙ୍କୁ ୮ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି । ସହରର ୩ ନଂ ୱାର୍ଡ ଅଧିନ ଗୁପ୍ତେଶ୍ୱର ମନ୍ଦିର ପିଏଚ୍‌ଡି ଅଫିସ ରୋଡ଼ ଠାରୁ ମା' ଫୁଲସୁନ୍ଦରୀ ମନ୍ଦିର ରାସ୍ତା ମଧ୍ୟ ବର୍ତ୍ତି ଜନବସତି ଅଞ୍ଚଳରେ ପ୍ରତିବର୍ଷ ବର୍ଷା ଦିନରେ ଜଳବନ୍ଦୀ ଅବସ୍ଥା ଲାଗି ରହୁଛି । ଡ୍ରେନେଜ ବ୍ୟବସ୍ଥା ନଥିବାରୁ ବର୍ଷାଜଳ ସାଙ୍ଗକୁ ନାଳ ନର୍ଦ୍ଦମା ପାଣି ଜମି ରହୁଛି । ସ୍ଥାନୀୟ ବାସିନ୍ଦା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାର ସ୍ଥାୟୀ ପ୍ରତିକାର କରାଯାଉ । ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ସହରର ପୁରୁଣା ବସଷ୍ଟାଣ୍ଡରେ ଯାତ୍ରୀ, ପଥଚାରୀ ଓ ଫୁଟପାଥ୍ ବ୍ୟବସାୟୀ ମାନଙ୍କ ପାଇଁ ଥଣ୍ଡା ପାନୀୟ ମେସିନ ଜରିଆରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଉ । ସହରର ବିଭିନ୍ନ ୱାର୍ଡରେ ଲାଗି ରହିଥିବା ପାଇପ ପାଣି ସମସ୍ୟାର ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ ସହ ନିର୍ମାଣାଧୀନ ଓଭରହେଡ୍ ଟାଙ୍କି ତୁରନ୍ତ ପୂର୍ଣ୍ଣାଙ୍ଗ କରାଯାଇ ସହରବାସୀଙ୍କୁ ପାଇପ ଯୋଗେ ଅହୋରାତ୍ର ପାନୀୟଜଳ ଯୋଗାଣ କରାଯିବା ଭଳି ବିଭିନ୍ନ ପ୍ରସଙ୍ଗ ଦାବିପତ୍ରରେ ଉଲ୍ଲେଖ ରହିଛି ।

ଏନେଇ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ କାଉନସିଲର ଜଣକ ବୁଧବାର ରାତି ପ୍ରାୟ ୮ ଟାରେ ତାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଦାବି ଗୁଡ଼ିକ ପ୍ରତି ସମୁଚିତ ଦୃଷ୍ଟି ଦିଆଯାଇ କାର୍ଯ୍ୟାଳୟ ସ୍ତରରେ ଯାହା ଆବଶ୍ୟକ ସେନେଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି । ଏନଏସି ଅଧକ୍ଷ ପ୍ରଫୁଲ୍ଲ ପଣ୍ଡାଙ୍କୁ ଯୋଗାଯୋଗ କରିବାରୁ କାଉନସିଲରଙ୍କ ଦାବିପତ୍ରର ନକଲ ପାଇଛି । କ୍ରମବର୍ଦ୍ଧିଷ୍ଣୁ ସହରରେ ଡ୍ରେନେଜ ବ୍ୟବସ୍ଥାର ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଉଛି । ପାଇପ ଯୋଗେ ପାନୀୟଜଳ ଯୋଗାଣ କାମ ଏନଏସି କାର୍ଯ୍ୟାଳୟର ନୁହେଁ । ତଥାପି ସେ ଏନେଇ ପାନୀୟଜଳ ଯୋଗାଣ ଓ ଜନସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କୁ ଚିଠି କରିବେ ବୋଲି କହିଛନ୍ତି । ସମସ୍ତ ସାହି ବସ୍ତିର ନାଳ ନର୍ଦ୍ଦମା ସଫେଇ କାମ ଚାଲୁ ରହିଛି । ଏନଏସି ଅଧିନ ରେ ଥିବା ରାଜା ରାଜୁଡ଼ା ସମୟ ର ଐତିହ୍ୟ ସମ୍ପନ୍ନ ବଡ଼ବନ୍ଧ(ପୋଖରୀ) ର ପୁନଃରୁଦ୍ଧାର ଓ ବିକାଶ ପାଇଁ ଦୀର୍ଘଦିନର ଦାବି ପରେ ପ୍ରସ୍ତାବିତ ପ୍ରକଳ୍ପକୁ ସରକାର ପ୍ରଶାସନିକ ମଞ୍ଜୁରୀ ଦେଇଛନ୍ତି । ଏହି ପ୍ରକଳ୍ପରେ ପୋଖରୀ ହିଡରେ ମିନି ପାର୍କ, ପୋଖରୀର ଚର୍ତୁଦିଗକୁ ସୌନ୍ଦର୍ଯ୍ୟକରଣ ସହ ଅତ୍ୟାଧୁନିକ ଆଲୋକୀକରଣ ପାଇଁ ବ୍ୟବସ୍ଥା ରହିଛି । ଖୁବ୍‌ଶୀଘ୍ର ଏହାର ଟେଣ୍ଡର ପ୍ରକାଶ ପାଇବ । ପୋଖରୀରୁ ଦୂଷିତ ଜଳ ନିଷ୍କାସନ ପାଇଁ ଗୁରୁବାର ଠାରୁ କାର୍ଯ୍ୟ ଆରମ୍ଭ କରାଯାଇଛି । ସହରର ସର୍ବବିଧ ବିକାଶ ପାଇଁ ନୂତନ ଢାଞ୍ଚାରେ ପୂର୍ଣ୍ଣାଙ୍ଗ ନକ୍ସା ପ୍ରସ୍ତୁତ କରାଯାଇଛି । ତାହାକୁ କାର୍ଯ୍ୟକାରୀ ନିମନ୍ତେ ସମସ୍ତ କାଉନସିଲର ଏବଂ ସହରବାସୀ ସହଯୋଗ ପାଇଁ ସେ ନିବେଦନ କରିଛନ୍ତି । ସହରର ଦ୍ରୁତ ବିକାଶ ସାଙ୍ଗକୁ ଲୋକଙ୍କ ମୌଳିକ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସେ ଅନବରତ ଚେଷ୍ଟା ଚଳାଇଥିବା ତାଙ୍କ ପ୍ରତିକ୍ରିୟାରେ ଶ୍ରୀ ପଣ୍ଡା କହିଛନ୍ତି ।

### ଦିଶାହୀନ ସରକାରୀ ଯୋଜନା

# ଗଜପତିରେ ବଢୁଛି ଦାଦନ ଦୁଃଖ

ପାରଳାଖେମୁଣ୍ଡି,୧୩।୩ (ସମିସ)

ଗାଁରେ ମିଳୁନି କାମ । ଶିଳ୍ପ ବିହୀନ ଗଜପତି ଜିଲ୍ଲାରେ କୃଷି ହିଁ ଆୟ ପନ୍ଥା । ଏଭଳି ସ୍ଥିତିରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଦିଶାହୀନ ହୋଇପଡ଼ିଛି । ଦାଦନ ରୋକିବାକୁ ତତ୍କାଳୀନ ଉପା ସରକାର କରିଥିବା ମନରେଗା ଯୋଜନା ହେଉ କି ବର୍ତ୍ତମାନର କେନ୍ଦ୍ର ସରକାର ତାହାର ନାଁ ପରିବର୍ତ୍ତନ କରି ହୋଇଥିବା ଭି ମ ଜ ୀ - ର ା ମ ଜ ୀ ଯୋଜନା ଦାଦନ ସ୍ଥିତିରେ ପରିବର୍ତ୍ତନ ଆଣିପାରିନାହିଁ । ଗାଁରେ କାମ ମିଳୁନଥିବାରୁ ଆମେ ବାହାରକୁ ଯିବାକୁ ବାଧ ହେଉଛୁ ବୋଲି ଶ୍ରମିକମାନେ କହିଛନ୍ତି । ଗଜପତି ଜିଲ୍ଲାରୁ ହଜାର ହଜାର ଦାଦନ ହାଇଦ୍ରାବାଦ, ତାମିଲନାଡୁ, ମହାରାଷ୍ଟ୍ର ଏବଂ କେରଳ ଭଳି ରାଜ୍ୟକୁ ଚାଲିଯାଉଛନ୍ତି । ଏପରିକି ଅନେକ ସମୟରେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଖବର ମଧ ସାମ୍ନାକୁ ଆସୁଛି । ତଥାପି ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ରେକର୍ଡ ଅନୁସାରେ ମାତ୍ର ୫ଜଣ ଠିକାଦାରଙ୍କ ଦ୍ୱାରା ୩୫ଜଣ ହିଁ ରାଜ୍ୟ ବାହାରକୁ ଯାଇଛନ୍ତି ଯାହାକି ଆଶ୍ଚର୍ଯ୍ୟ କରିଛି । ତେଣୁ ଚାଷବାସ କାମ ସରିବା ପରେ ଗାଁରେ ବେକାର ହୋଇ ବସିବା ଅପେକ୍ଷା ବାହାର ରାଜ୍ୟରେ କାମ କରିବାକୁ ଯାଇ ଦୁଇ ପଇସା ରୋଜଗାର କରୁଛୁ ବୋଲି କହିଛନ୍ତି ଦାଦନ ଖଟିବା ପାଇଁ ଯାଉଥିବା ଶ୍ରମିକ । ଆମର ସମସ୍ତ କାଗଜପତ୍ର ନେଇ କାମ ମିଳିବ ବୋଲି କୁହାଯାଉଛି । କିନ୍ତୁ ମନରେଗା କାମ ମେସିନ ଲଗାଇ କରାଯାଉଛି । କେବଳ ସେତିକି ନୁହେଁ, କାଁ ଭାଁ କେତେବେଳେ କେମିତି କାମ ମିଳିଲେ ମଧ ଦୈନିକ ଦୁଇଶହ ଟଙ୍କା ହିସାବରେ ମଜୁରୀ ମିଳୁଛି । ତେଣୁ ଏହି ଯୋଜନା କିଭଳି ସଠିକ ଭାବେ କାର୍ଯ୍ୟକାରୀ ହେବ ଏବଂ ଲୋକେ ଦାଦନ ସମସ୍ୟାରୁ ମୁକୁଳିବେ ସେଦିଗରେ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ । ନଚେତ ଯୋଜନାକୁ କାର୍ଯ୍ୟକାରୀ କରୁଥିବା ଅଧିକାରୀଙ୍କ ମନମୁଖୀ ଓ ଖାମଖିଆଲି ମନୋଭାବ ଯୋଗୁଁ ଦିନକୁ ଦିନ ଦାଦନ ସମସ୍ୟା ଉତ୍କଟ ହେବା ନିଶ୍ଚିତ ବୋଲି ଦାଦନ ଖଟିବାକୁ ଯାଉଥିବା ରାଜେଶ ରଇତ, ଶ୍ରୀନିବାସ ରଇତ, ଦାଶରଥୀ ରଇତ ପ୍ରମୁଖ କହିଛନ୍ତି ।

**ସରକାରୀ ରିପୋର୍ଟରେ ୫ବର୍ଷରେ ୨୮ ଦାଦନଙ୍କ ଜୀବନ ଗଲାଣି**

**ବେସରକାରୀ ଭାବେ ଏହି ସଂଖ୍ୟା ବହୁ ଅଧିକ**



ବିଭିନ୍ନ ସମୟରେ ଦାଦନ ଶ୍ରମିକଙ୍କ ମୃତ୍ୟୁ କିମ୍ବା ଆହତ ଜନିତ ଖବର ଆସିବା ପରେ ପ୍ରଶାସନ ତତ୍ପର ହେଉଛି । ଗତ ୫ବର୍ଷ ମଧ୍ୟରେ ୨୮ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ନେଇ ସରକାରୀ ରେକର୍ଡ କହୁଥିବା ବେଳେ ବେସରକାରୀ ଭାବେ ଏହି ସଂଖ୍ୟା ଆହୁରି ଅଧିକ ହେବ ବୋଲି କୁହାଯାଉଛି । ଯେଉଁମାନେ ଦାଦନ ଖଟିବା ପାଇଁ ବାହାରକୁ ଯାଉଛନ୍ତି ସେମାନେ ସରକାରଙ୍କ ପୋର୍ଟାଲରେ ନିଜ ନାଁ ପଞ୍ଜୀକରଣ କରି ଯିବା କଥା । ଏହାହେଲେ ସଂପୃକ୍ତ ବ୍ୟକ୍ତିଙ୍କ କୌଣସି ଅସୁବିଧା ହେଲେ ପ୍ରଶାସନ ସେମାନଙ୍କୁ ଠାବ କରିବା ସହଜ ହେବ । ଏନେଇ ସଚେତନତା କରାଯାଉଥଇଲେ ମଧ ଲୋକେ ଏହା କରୁନଥିବା କହିଛନ୍ତି ଜିଲ୍ଲା ଶ୍ରମ ଅଧିକାରୀ ଭାରତୀ ବେହେରା । ଯେତେ ଯୋଜନା ହେଉ କି ତାହାରି ମାଧ୍ୟମରେ ବିକାଶର ରଙ୍ଗୀନ ଚିତ୍ର ଦେଖାଯାଉ, ବାସ୍ତବରେ ତାହା ସଠିକ ଭାବେ କାର୍ଯ୍ୟକାରୀ ନହେଲେ ଏହି ସମସ୍ୟାର ସମାଧାନ ହେବା ନିଶ୍ଚିତ ଭାବେ ଦୁରୁହ ବ୍ୟାପାର । ତେଣୁ ସରକାର ଏହାକୁ ଦୃଷ୍ଟିରେ ରଖି ପଦକ୍ଷେପ ନେବା ଜରୁରୀ ହୋଇପଡିଛି ।

### ● ରୋଚକ ମୋଡ଼ରେ ଖେମୁଣ୍ଡି ଓକିଲ ସଂଘ ନିର୍ବାଚନ

## ସଭାପତି ଓ ସମ୍ପାଦକ ପ୍ରାର୍ଥୀ ପ୍ରତ୍ୟାହାର କଲେ ନାମାଙ୍କନ

ଦିଗପହଣ୍ଡି,୧୩।୩(ସମିସ): ରାଜ୍ୟ ବାର୍ କାଉନସିଲ ପକ୍ଷରୁ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଓକିଲ ସଂଘର କାର୍ଯ୍ୟକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବ । ସମୁଦାୟ ୫ ପଦବୀ ପାଇଁ ୧୧ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ଦାଖଲ କରିଥିଲେ । ଶୁକ୍ରବାର ପ୍ରାର୍ଥିପତ୍ର ପ୍ରତ୍ୟାହାର ଦିବସରେ ସନ୍ଧ୍ୟା ୫ଟା ସୁଦ୍ଧା ସଭାପତି ପଦବୀ ନିମନ୍ତେ ଆଇନଜୀବୀ ରସାନନ୍ଦ ରାଉତ ଏବଂ ସମ୍ପାଦକ ପଦବୀ ନିମନ୍ତେ ଆଇନଜୀବୀ ପ୍ରଦୀପ କୁମାର ନାୟକ ଦାଖଲ କରିଥିବା ସେମାନଙ୍କ ନାମାଙ୍କନ ପ୍ରତ୍ୟାହାର କରିନେଇଥିବା ନିର୍ବାଚନ ଅଧିକାରୀ ଚନ୍ଦ୍ରଧ୍ୱଜ ସିଂହ ଏବଂ ଅତିରିକ୍ତ ନିର୍ବାଚନ ଅଧିକାରୀ ନୀଳମାଧବ ରଥ ଜଣାଇଛନ୍ତି । ସଭାପତି ପଦବୀ ନିମନ୍ତେ ହୃଦୟ ରଞ୍ଜନ ମେକାପ, ଏ.ସୋମେଶ୍ୱର ରାଓ, ଉପସଭାପତି ନିମନ୍ତେ ସଞ୍ଜୟ କୁମାର ପଣ୍ଡା ଓ ସୁକାନ୍ତ କୁମାର ପ୍ରଧାନ ମଇଦାନରେ ରହିଛନ୍ତି । ସମ୍ପାଦକ ପଦବୀ ନିମନ୍ତେ କୁରେଶୁ ପଣ୍ଡା, ସନ୍ତୋଷ କୁମାର ସାହୁ, ସହ - ସମ୍ପାଦକ ନିମନ୍ତେ ରବିଚନ୍ଦ୍ର ଗୌଡ଼ ଏବଂ ଜୟକୃଷ୍ଣ ମହାପାତ୍ର, କୋଷାଧକ୍ଷ ପଦବୀ ନିମନ୍ତେ ସିମାଞ୍ଚଳ ପ୍ରଧାନଙ୍କ ନାମାଙ୍କନ ପତ୍ର କାଏମ ରହିଛି । କୋଷାଧକ୍ଷ ପଦବୀ ନିମନ୍ତେ ଜଣେ ମାତ୍ର ପ୍ରାର୍ଥି ନାମାଙ୍କନ ଦାଖଲ କରିଥିବାରୁ ସେ ଅପ୍ରତିଦ୍ୱନ୍ଦୀ ଭାବେ ନିର୍ବାଚିତ ହୋଇଛନ୍ତି । କେବଳ ଆନୁଷ୍ଠାନିକ ଘୋଷଣା ବାକି ଅଛି । ଅନ୍ୟ ସମସ୍ତ ପଦବୀ ନିମନ୍ତେ ଦ୍ୱି-ମୁଖି ପ୍ରତିଦ୍ୱନ୍ଦିତା ହେବ ବୋଲି ଜଣାପଡିଛି । ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଶନିବାର ପ୍ରକାଶ ପାଇବ । ୨୮ ତାରିଖ ସକାଳ ୭ଟା ୩୦ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନ ହେବ । ୪ଟା ପରେ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ ବୋଲି ନିର୍ବାଚନ ଅଧିକାରୀ ଜଣାଇଛନ୍ତି । ଶୁକ୍ରବାର ଶେଷ ମୁହୂର୍ତ୍ତରେ ଏକ ନାଟକୀୟ ଘଟଣାକ୍ରମେ ସଭାପତି ଏବଂ ସମ୍ପାଦକ ପଦବୀ ନିମନ୍ତେ ନାମାଙ୍କନ ଦାଖଲ କରିଥିବା ପ୍ରାର୍ଥୀ ଦ୍ୱୟ ସେମାନଙ୍କ ନାମାଙ୍କନ ପ୍ରତ୍ୟାହାର କରି ନେଇଥିବାରୁ ଚଳିତବର୍ଷ ଓକିଲ ସଂଘ ନିର୍ବାଚନ ରୋଚକ ହେବ ବୋଲି ଚର୍ଚ୍ଚା ହେଉଛି ।

**ବିଭିନ୍ନ ପଦବୀ ପାଇଁ ଦ୍ୱିମୁଖି ଲଢ଼େଇ**

### ବିଧାନସଭାରେ ଛତ୍ରପୁର ବିଧାୟକଙ୍କ ଦାବି

## ଟିଟାନିୟମ କମ୍ପାନୀ ପୁର୍ନବାର ଚାଲୁ କରାଯାଉ

ଛତ୍ରପୁର,୧୩।୩(ସମିସ): ଚଳିତ ବିଧାନସଭାର ଶୂନ୍ୟକାଳରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଇଡ୍‌କୋ ଦ୍ୱାରା ଅଧିଗ୍ରହଣ କରାଯାଇଥିବା ଯେଉଁ ଜମିରେ ଏପର୍ଯ୍ୟନ୍ତ କୌଣସି ଶିଳ୍ପ ପ୍ରତିଷ୍ଠା ହୋଇନାହିଁ ତାକୁ ଫେରାଇ ଆଣିବାକୁ ସରକାର କୌଣସି ପଦକ୍ଷେପ ନେବେ କି ବୋଲି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ପ୍ରଶ୍ନ କରିଥିଲେ । ଏହା ସହିତ ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ଥିବା ଟିଟାନିୟମ କମ୍ପାନୀ ଗତ ୨୩ ବର୍ଷ ଧରି ବନ୍ଦ ରହିଥିବାରୁ ପ୍ରାୟ ୪୦୦ରୁ ଅଧିକ କର୍ମଚାରୀ କାମ ହରାଇ ଘରେ ବସିଛନ୍ତି । ଏହି କମ୍ପାନୀକୁ ପୁନର୍ବାର କିପରି ଚାଲୁ କରାଯିବ ଓ ସ୍ଥାନୀୟ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ କିପରି ସୃଷ୍ଟି ହେବ ବ୍ୟବସ୍ଥା କରିବାକୁ ଛତ୍ରପୁର ବିଧାୟକ ଶିଳ୍ପ ମନ୍ତ୍ରୀଙ୍କୁ ନିବେଦନ କରିଥିଲେ ।



ମନ୍ତ୍ରୀ ଅନୁରୋଧକୁ ରକ୍ଷା କରି ତାହାର ଉତ୍ତର ରଖି କହିଛନ୍ତି ଇଡ଼କୋ ଜମି ବିଭିନ୍ନ ସମୟରେ ଶିଳ୍ପପାଇଁ ନେଇଥିଲେ ବି ବିଭିନ୍ନ କାରଣକୁ ଶିଳ୍ପ ହୋଇପାରିନଥାଏ । ସେଗୁଡିକୁ ତର୍ଜମା କରି ବିଭିନ୍ନ ସମୟରେ ବହୁ ଜମି ଗୁଡିକ ଫେରାଇ ଅଣାଯାଉଛି । ଯେଉଁ ଜମି କାମ ଆରମ୍ଭ ହୋଇନି କିମ୍ବା ଇଣ୍ଡଷ୍ଟ୍ରି ପାଇଁ ନେଇ କିଛି କରି ନାହାନ୍ତି ତାହାକୁ ବିଧାୟକ ଜଣାଇଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହା ସହିତ ଟିଟାନିୟମ ର ଶ୍ରମିକମାନଙ୍କ କଥାକୁ ବିଚାରକୁ ନିଆଯାଇ ତା' ଉପରେ କାର୍ଯ୍ୟ କରାଯିବ ବୋଲି ମଧ ସେ ଉତ୍ତରରେ କହିଥିଲେ ।

## ମକା ଚାଷ ପ୍ରତି ମୁହଁ ଫେରାଇଲେଣି ଚାଷୀ



ଆସିକା,୧୩।୩(ସମିସ): ଆସିକା ବ୍ଲକର ବିଭିନ୍ନ ସ୍ଥାନରେ ବିଭିନ୍ନ କିଶମର ମକା ଚାଷ ହେଉଥିବା ବେଳେ ଏବେ ଏହି ଚାଷ ପ୍ରତି ମୁଁହ ଫେରାଇଲେଣି ଚାଷୀ । ଆସିକା ବ୍ଲକ ଅନ୍ତର୍ଗତ ଚେରମାରିଆ, ଖଡ଼ଭାଗ, ନଳବଣ୍ଟା, କର୍ଣ୍ଣଲି, ଖଣ୍ଡଦେଉଳି, ସମେତ ବହୁ ଗ୍ରାମରେ ଏବେ ଚାଷୀ ମକା ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି । ଗଡାଣିଆ ସହିତ ଉର୍ବର ଚାଷ ଜମି ମକା ଚାଷକୁ ବେଶ ସହାୟକ ହେଉଛି । ବର୍ଷସାରା ଥରେ ମକା ଫସଲ ଶେଷ ହେବା ପରେ ପୁଣି କିଛି ମାସ ବ୍ୟବଧାନରେ ମକା ଚାଷ ହୁଏ । ମକା ମଞ୍ଜି କିଣି ଜମିକୁ ଠିକ ଭାବେ ଚାଷ କରି ମାଟି ଗୁଣ୍ଡ ହେବା ପରେ ହଳ ଲଙ୍ଗଳ ସାହାଯ୍ୟରେ ମକା ମଞ୍ଜି ବୁଣାଯାଏ । ଗଛ ଉଠିବା ପରେ ତାକୁ ସାର ପିଡ଼ିଆ ଦେଇ କୋଡାଖୋଷା କରି ଗଛକୁ ବଢ଼ାଏ । ମକାଗଛରେ ଗୋଟିଏ କିମ୍ବା ଦୁଇଟି ମକା ହୁଏ । ସାଧା ଓ ମିଠା ମକା ଦୁଇ ପ୍ରକାରର ମକା ଗଛ ହୁଏ । ପୂର୍ବରୁ କମ୍ ଚାଷୀ ମକା ଚାଷ କରୁଥିବାବେଳେ ଏବେ ଚାଷୀ ସଂଖ୍ୟା ବଢିବାରେ ଲାଗିଛି । ସାଧାମକା ଗରମ ପୋଡ଼ି ବିକିଲେ ୫ଟଙ୍କା ମିଳୁଥିବା ବେଳେ କଞ୍ଚା ମକା ୨ଟଙ୍କାରେ ବିକ୍ରି ହୁଏ । କ୍ଷତି ହେଉଥିବା ଏବଂ ମିଠା ମକା ତୁଳନାରେ କମ୍ ବିକ୍ରି କାରଣରୁ ସାଧା ମକା ପାଇଁ ଚାଷୀଙ୍କ ଆଗ୍ରହ କମିଛି । ଏକା ପ୍ରକାର ଚାଷ ଏକା ପରିଶ୍ରମ ହେଉଥିବା ବେଳେ ମିଠା ମକା ଅଧିକ ଚାହିଦା ରହିଛି । ମିଠାମକା ଗୋଟିଏ କଞ୍ଚା ୫/୬ଟଙ୍କା ରେ ଚାଷୀ ବିକ୍ରି କରୁଥିବା ବେଳେ ମକାକୁ ପୋଡି କିମ୍ବା ସିଝାଇ ରାସ୍ତା କଡରେ ହେଉ ଅବା ବସ୍‌କୁ ବସ୍ ଯାଇ ୧୦ଟଙ୍କାରେ ବିକ୍ରି କରନ୍ତି । ଏକା ସମୟରେ ଅଧିକ ମକା ବାହାରିଲେ ରାସ୍ତା କଡ଼ରେ ବିକ୍ରି ହୁଏନାହିଁ । ମକା ଚାଷ ଏହି ଅଞ୍ଚଳରେ ଚାଷୀଙ୍କୁ ବେଶ ସହାୟକ ହୋଇଛି । ମକା ଚାଷୀଙ୍କ ଯେଉଁ ପରିବାରରେ ତିନିରୁ ଚାରି ଜଣ ଅଛନ୍ତି ସେହି ପରିବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଆସିକା ବ୍ରହ୍ମପୁର ମୁଖ୍ୟ ରାସ୍ତା କଡ଼ରେ ବସି ମିଠା ମକା କଞ୍ଚା କିମ୍ବା ପୋଡ଼ି ବିକ୍ରି କରନ୍ତି । କଞ୍ଚାମକା ଠାରୁ ମକା ପୋଡ଼ି ବିକ୍ରି କଲେ ଆଉ କିଛି ଅଧିକ ଲାଭ ହୁଏ । କିନ୍ତୁ ବେପାରୀ ବହୁ କମ୍ ଦାମ ୩/୪ ଟଙ୍କାରେ ମକା କିଣି ନେଇ ବ୍ରହ୍ମପୁର ବଜାରରେ ଦିଅନ୍ତି । ମକାଚାଷ ଏକ ଅର୍ଥକାରୀ ଫସଲ ହୋଇଥିବା ଏବଂ ବିକ୍ରି ସଂଗେ ସଂଗେ ଟଙ୍କା ମିଳୁଥିବ ହେତୁ ଆଗ୍ରହ ହେଉଥିଲେ ସୁଦ୍ଧା ସେଭଳି ଆଉ ସଞ୍ଚୟ ହେଉ ନଥିବା କହୁଛନ୍ତି । ମକା ଅମଳ ସମୟରେ କିରା, ବାର୍‌ହା ଉପଦ୍ରବ କ୍ଷତି ବହୁ ମାତ୍ରରେ ବଢ଼ାଇ ଦିଏ । ସଂରକ୍ଷଣ ବ୍ୟବସ୍ଥା ନଥିବା ଯୋଗୁ ଚାଷୀ ଅଧିକ କ୍ଷତି ସହିବାକୁ ପଡୁଛି । ତେଣୁ ଚାଷୀ ଏହି ଚାଷ ପ୍ରତି ବିମୁଖ ହେଲେଣି ।

### ବ୍ଲକ ଉପାନ୍ତ ଅଞ୍ଚଳରେ ଅଚଳାବସ୍ଥା

# ପାନୀୟ ଜଳ ପାଇଁ ବାଧକ ସାଜିଛି ରାସ୍ତା

ଧରାକୋଟ,୧୩।୩(ସମିସ)

ଧରାକୋଟ ବ୍ଲକର ଉପାନ୍ତ ଅଞ୍ଚଳ କହିଲେ ସାବା ଓ ବଳରାମପୁର ପଞ୍ଚାୟତର କେତେକ ଗ୍ରାମକୁ ବୁଝାଏ । ଏବେ ବି ଏଠାରେ ବସବାସ କରୁଥିବା ଲୋକେ ବହୁବିଧ ସମସ୍ୟାରେ ସନ୍ତୁଳିତ । ବିଶେଷ କରି ନିତିଦିନିଆ ରାସ୍ତା ନଥିବାରୁ ସବୁ ସମସ୍ୟାକୁ ବଳି ଯାଇଛି ସେଠାକାର ପିଇବା ପାଣି ସମସ୍ୟା । ବଳରାମପୁର ପଞ୍ଚାୟତର ଗୁଡୁରୁ ଗୁମା, ଝିରଝିରା ଓ ସାବା ପଞ୍ଚାୟତର କଞ୍ଜିଆମ୍ବ, ତୋରାଣିପାଣି, ନାକିଆମ୍ବ, ଖଜୁରୀ ଝୋଲା, ପିଲି ପଦର, ଗୋଛାଗୁଡା, ବେତବଣ ପ୍ରଭୃତି ଗାଁକୁ ନିତିଦିନିଆ ରାସ୍ତା ନାହିଁ । ଏଣୁ ସେହିସବୁ ଗାଁରେ ବୋର୍ ଖୋଳିବା ଗାଡି ପହଞ୍ଚିପାରୁ ନାହିଁ । ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ କେତେକ ପଡ଼ା ଗ୍ରାମରେ ସାନିଟାରୀ ୱେଲ୍ କରାଯାଇଥିଲେ ମଧ୍ୟ ଏହା ଜଳ ଆବଶ୍ୟକ ଯୋଗାଣ କରିପାରୁନାହିଁ । ଯାହା ଫଳରେ ଲୋକେ ଝରଣା ପାଣିକୁ ଗାଧୁଆ, ରୋଷେଇ, ଲୁଗା ସଫା ଓ ନିଜର ଫସଲ ଚାଷ ପାଇଁ ବ୍ୟବହାର କରୁଛନ୍ତି । ଏଣୁ ଏହି



ଜଳ ଦୂଷିତ ହୋଇ ସଂକ୍ରାମକ ରୋଗ ବ୍ୟାପିବାର କାରଣ ହୋଇଛି । ରାଜ୍ୟ ସରକାର ପକ୍ଷରୁ ରାଜ୍ୟ ସାରା ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠି ପାନୀୟ ଜଳର ସମସ୍ୟା ନେଇ ବିଧାନସଭାରେ ବିଧାୟକ ମାନେ ପ୍ରଶ୍ନ କରୁଛନ୍ତି । ଏପରିକି ମେଗା ଜଳ ପ୍ରକଳ୍ପ ନାମରେ ଆହୁରି ଅନେକ ଦିନ 'ଘର ଘର ଜଳ' ବା 'ହର ଘର ଜଳ' ମିଳିବ ବୋଲି ଆଶା ରଖିଛନ୍ତି ସରକାର । ହେଲେ ଗ୍ରୀଷ୍ମ ପ୍ରବାହ ଆରମ୍ଭରୁ ସାବା ଓ ବଳରାମପୁର ପଞ୍ଚାୟତର ପଡା ଗ୍ରାମମାନଙ୍କୁ ରାସ୍ତା ନଥିବାରୁ ସେଠାରେ ବସବାସ କରୁଥିବା ଲୋକେ ମୌଳିକ ସୁବିଧା ତଥା ବିଶେଷ କରି ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଂଚିତ ହୋଇ ରହିଥିବା ଦେଖିବାକୁ ମିଳିଛି । ଏହି ଅଞ୍ଚଳର ପାନୀୟ ଜଳ ସମସ୍ୟା ଉପରେ ଗ୍ରାମ୍ୟ ଜଳ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ଇ. ଦୀପ୍ତାଂଶୁ ପରିଡ଼ା ଏବଂ ସହକାରୀ ଯନ୍ତ୍ରୀ ଇ. ଚିନ୍ମୟୀ ରାଉତଙ୍କ ସହ ଯୋଗାଯୋଗ ବେଳେ ବିଭାଗ ପକ୍ଷରୁ ବ୍ଲକର ଘାଟି ଅଞ୍ଚଳର ଗାଁ ଗୁଡିକ ପାଇଁ ୧୭ଟି ସୋଲାର ପମ୍ପ ପ୍ରକଳ୍ପ ପାଇଁ ପ୍ରସ୍ତାବ ଉପରିସ୍ଥ ଅଧିକାରୀଙ୍କୁ ଦିଆଯାଇଛି । ଆଉ କେତେ ଗ୍ରାମକୁ ରାସ୍ତା ନଥିବାରୁ ଗାଡ଼ି ଯାତାୟାତ ପାଇଁ ବ୍ୟବସ୍ଥା ନଥିବାରୁ ବୋର ଖୋଳିବାରେ ଅସୁବିଧା ଦେଖାଦେଇଛି ବୋଲି ପ୍ରକାଶ କରିଛନ୍ତି । ଖୁବ୍‌ଶୀଘ୍ର ଏହି ଅଞ୍ଚଳରେ ଆମେ ପହଞ୍ଚି ସ୍ଥିତି ପରଖିବୁ ବୋଲି ପ୍ରକାଶ କରିଛନ୍ତି ।

ଗଞ୍ଜାମ ଜିଲ୍ଲା ପ୍ରଶାସନ ପ୍ରତି ପଞ୍ଚାୟତରେ ଜନ ଶୁଣାଣି କରି ଲୋକଙ୍କ ସମସ୍ୟା ସମାଧାନ ପାଇଁ ଅଭିନବ ପ୍ରୟାସ ଜାରି ରଖିଛି ହେଲେ ଉପାନ୍ତ ଅଞ୍ଚଳରେ ସମସ୍ୟା ସମାଧାନ ହେବା ବଦଳରେ ଦିନକୁ ଦିନ ବଢୁଥିବା ଦେଖିବାକୁ ମିଳିଛି । ଗଞ୍ଜାମ ଜିଲ୍ଲାପାଳ ଏହି ଅଞ୍ଚଳର ସ୍ୱାସ୍ଥ୍ୟ,ଶିକ୍ଷା, ଗମନାଗମନ, କୃଷି, ବିଜୁଳି, ପିଇବା ପାଣି ଭଳି ମୌଳିକ ସମସ୍ୟାର ସମାଧାନ ପାଇଁ କେବେ ଓ କେତେଦୂର ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

## କୋଷ୍ଟାଲ୍ ବାୟୋଟେକ୍ ପକ୍ଷରୁ ଅଗ୍ନି ସୁରକ୍ଷା ମକ୍‌ଡ୍ରିଲ



ପାରଳାଖେମୁଣ୍ଡି,୧୩।୩(ସମିସ): ଗୋଷାଣି ବ୍ଲକ ଲାବାଣ୍ୟଗଡ ପଞ୍ଚାୟତ ମାରିଙ୍ଗିରେ ଥିବା କୋଷ୍ଟାଲ୍ ବାୟୋଟେକ୍ ପକ୍ଷରୁ ଅଗ୍ନି ସୁରକ୍ଷାକୁ ନେଇ ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଗ୍ନିଶମ ଅଧିକାରୀ ଧିରେନ୍ଦ୍ର କୁମାର ଦାଶଙ୍କ ସମେତ ଅଗ୍ନିଶମ ବିଭିଗର କୃଷ୍ଣଚନ୍ଦ୍ର ଶତପଥୀ, ଲୋକନାଥ ପାଢୀ, ଗାରାବନ୍ଧ ପୁଲିସ୍, ସ୍ୱାସ୍ଥ୍ୟକେନ୍ଦ୍ର ଟିମ୍ ଓ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ କୋଷ୍ଟାଲ ବାୟୋଟେକ୍ କମ୍ପାନୀ ପରିସରରେ ଅନ୍‌ସାଇଟ୍ ଜରୁରୀକାଳୀନ ମକ୍‌ଡ୍ରିଲ୍ କରାଯାଇଥିଲା । ଏହି ଅବସରରେ କମ୍ପାନୀରେ କାର୍ଯ୍ୟରତ କର୍ମଚାରୀ ଓ ଅଧିକାରୀ ଯୋଗ ଦେଇଥିଲେ । ଇଥାନଲ୍ ଷ୍ଟୋରେଜ, ସାଧାରଣ ଅଗ୍ନି ଏବଂ ବିଦ୍ୟୁତ ଆଘାତ ଏବଂ ଉଚ୍ଚତାରେ କାର୍ଯ୍ୟ କଲାବେଳେ ଦୁର୍ଘଟଣାର ସମ୍ମୁଖୀନ ହେଲେ କିପରି ନିଜେ ସୁରକ୍ଷିତ ରହି ନିଜର ସୁରକ୍ଷା କରିବେ ଏବଂ ଏହି ସମୟରେ କିପରି ଉଦ୍ଧାର କରିବେ ସେନେଇ ବିସ୍ତୃତ ଭାବେ ବୁଝାଯାଇଥିଲା । ଏହି କାର୍ଯ୍ୟକ୍ରମରେ କମ୍ପାନୀରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ପ୍ରଶିକ୍ଷିତ ହୋଇଥିଲେ ।

